ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV

ବର୍ଷ-୬ | ସଂଖ୍ୟା-୩୦ | ମଙ୍ଗଳବାର | ୨୨ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-30 | Tuesday | 22 April 2025 | Bhubaneswar | Pages-8 | Rs. 2.00

Follow us: f YouTube

## ଗରିବ, ଅସହାୟ ଲୋକଙ୍କ ଦୁଃଖ ପ୍ରତି ଉଦାସୀନ ରହିବ ନାହିଁ : ମୁଖ୍ୟମନ୍ତ୍ରୀ

### ୧୪୦୦ ଲୋକଙ୍କ ଅଭିଯୋଗର ଶୁଣାଣି, ୧୦ ଜଣ ମନ୍ତ୍ରୀ, ସଚିବ ଓ ଅଫିସର ଉପସ୍ଥିତ



ସମ୍ବଲପୁର, ୨୧।୪ (ଡିକେ ନ୍ୟୁଜ୍): ସମୟ ଥିଲା ସକାଳ ୮ ଟା। ଲୋକାରଣ୍ୟ ହୋଇ ଉଠିଥିଲା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସର। କାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ଆସିଛନ୍ତି ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପାଇଁ। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ତାଙ୍କ ସହିତ ଥିଲେ ସହଯୋଗୀ ୧୦ ଜଣ ମନ୍ତ୍ରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀଗଣ। ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ସ୍ଥାନାନ୍ତରିତ ହୋଇଥିଲା ସମ୍ବଲପୁରକୁ। ଲୋକଙ୍କ ଅଭିଯୋଗ ଶୁଣି ଏହାର ସମାଧାନ କରିବାକୁ। ବାସ୍ତବିକ ଏଇ ହେଉଛି ଲୋକଙ୍କ ସରକାର। ଆଜିଥିଲା ଅଭିଯୋଗ ଶୁଣାଣିର ୧୦ମ ପାଳି। ଏହା ଥିଲା ଅନ୍ୟ ନଅ'ଟି ପାଳି ଠାରୁ ଭିନ୍ନ, କାରଣ ସରକାରଙ୍କ ପାଖକୁ ଲୋକ ଆସି ନାହାନ୍ତି, ସରକାର ଆସିଛନ୍ତି ଲୋକଙ୍କ ଅଭିଯୋଗ ଶୁଣିବାକୁ। ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ ସମ୍ବଲପୁରରେ ପହଞ୍ଚି ମା' ସମଲେଶ୍ୱରୀଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସମ୍ବଲପୁରରେ ଏ ଜନ ଶୁଣାଣି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶୁଭଙ୍କର। ସରକାରଙ୍କ ପାଇଁ, ଲୋକଙ୍କ ପାଇଁ, ଓଡ଼ିଶା ରାଜ୍ୟ ପାଇଁ ଓ ସର୍ବୋପରି ଗଣତନ୍ତ୍ର ପାଇଁ ଏକ ସକରାତ୍ମକ ବାର୍ତ୍ତା ଦେଉଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗରିବ, ଅସହାୟ ଲୋକଙ୍କ ଦୁଃଖ ପ୍ରତି ଉଦାସୀନ ରହି ହେବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଆମର ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନ ଆମକୁ ଲୋକଙ୍କ ଆହୁରି ନିକଟତର ହେବାକୁ ପ୍ରେରଣା ଦେଇଛି ବୋଲି ସେ କହିଛନ୍ତି। ସେ ପୁଣି କହିଥିଲେ ଯେ, ଆମର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବୃହତ୍ତର ବିକାଶର ଲକ୍ଷ୍ୟ ପୂରଣ ଭିତରେ ଗରିବ, ଅସହାୟ ଲୋକଙ୍କ ଦୁଃଖକୁ ଆମେ ଯେପରି ନଜର ଅନ୍ଦାଜ୍ ନ କରୁ। ସେମାନେ ଯେପରି ଅନୁଭବ ନ କରନ୍ତି ଯେ, ସେମାନଙ୍କ ଦୁଃଖ ଶୁଣିବା ପାଇଁ କେହି ନାହାନ୍ତି। ପୂର୍ବ ସରକାର ଏଥିପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଆମେ କିନ୍ତୁ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଶୁଣାଣି କରିବା ପାଇଁ ନିଷ୍ପତ୍ତି ନେଇଛୁ। ଆଜି ସମ୍ବଲପୁରରେ ହେଲା, ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନରେ ହେବ। ସେ ଆହୁରି କହିଥିଲେ ଯେ, ଏହି କ୍ଷେତ୍ରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ଅଧିକାରୀମାନେ ସେମାନଙ୍କ ସ୍ତରରେ ହିଁ, ଯେତେଦୂର ସମ୍ଭବ, ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତତ୍ପର ହେବେ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଅଧିକ ସଚେତନ ହେବେ ବୋଲି ସେ କହିଛନ୍ତି। ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ପୂର୍ବ ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗରୁ ଭୁବନେଶ୍ୱରରେ ଆମର ନଅ'ଟି ଜନ ଶୁଣାଣି ହୋଇଛି। ପୂର୍ବ ନଅ'ଟି ପାଳିରେ ୯,୩୭୭ ଲୋକଙ୍କ ଅଭିଯୋଗ ଗ୍ରହଣ କରିଛୁ ଏବଂ ପ୍ରାୟ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଗୁଡିକ ପ୍ରକ୍ରିୟା ଭିତରେ ଅଛି। ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ୧୦ମ ପାଳି। ଏହି ପାଳିରେ ପ୍ରାୟ ୧୦୦୦ ଜଣ ଅନଲାଇନ ଜରିଆରେ ପଂଜିକୃତ ଓ ଅଫଲାଇନରେ ପ୍ରାୟ ୪୦୦ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇଛି। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ • ପୃଷ୍ଠା ୭ ଦେଖନ୍ତୁ...

## ପ୍ରଶାସନିକ ସେବା ଦିବସରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

ନୂଆଦିଲ୍ଲୀ, ୨୧।୪ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୧୭ତମ ପ୍ରଶାସନିକ ସେବା ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରିଛନ୍ତି। ସେ ସାଧାରଣ ପ୍ରଶାସନରେ ଉତ୍କର୍ଷତା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ପ୍ରଶାସନିକ ସେବା ଦିବସରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଚଳିତ ବର୍ଷ ଏହି ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, କାରଣ ଏହା ସମ୍ବିଧାନର ୭୫ତମ ବର୍ଷ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ବୋଲି ସେ ଉଲ୍ଲେଖ କରିଥିଲେ। ୨୧ ଏପ୍ରିଲ୍ ୧୯୪୭ରେ ସର୍ଦ୍ଦାର ପଟେଲଙ୍କ ଉଲ୍ଲେଖନୀୟ ବକ୍ତବ୍ୟ, ଯେଉଁଥିରେ ସେ ସରକାରୀ କର୍ମଚାରୀମାନଙ୍କୁ 'ଭାରତର ଇସ୍ପାତ ସଂରଚନା' ବୋଲି କହିଥିଲେ, ତାହାକୁ ମନେ ପକାଇ, ଶ୍ରୀ ମୋଦି ପଟେଲଙ୍କର ଅମଲାତନ୍ତ୍ରକୁ ନେଇ ରହିଥିବା ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଶୃଙ୍ଖଳା, ସଚ୍ଚୋଟତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖି ଦେଶକୁ ଅତ୍ୟନ୍ତ ସମର୍ପଣର ସହିତ ସେବା କରିବା ପାଇଁ କହିଥାଏ। ସେ ଭାରତକୁ ଏକ ବିକଶିତ ଭାରତ ହେବା ପାଇଁ ସଂକଳ୍ପ ପରିପ୍ରେକ୍ଷୀରେ ସର୍ଦ୍ଦାର ପଟେଲଙ୍କ ଆଦର୍ଶର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସର୍ଦ୍ଦାର ପଟେଲଙ୍କ ଦୃଷ୍ଟିକୋଣ ଏବଂ ଐତିହ୍ୟକୁ ହୃଦୟର ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲାଲକିଲ୍ଲାରୁ ତାଙ୍କର ପୂର୍ବ ବକ୍ତବ୍ୟକୁ ସ୍ମରଣ କରି, ଶ୍ରୀ ମୋଦି ଉଲ୍ଲେଖ କରିଥିଲେ ଯେ ଏହି ସହସ୍ରାବ୍ଦର ୨୫ ବର୍ଷ ବିତି ଗଲାଣି। ଆଜି ଆମେ ଯେଉଁ ନୀତି ଉପରେ କାମ କରୁଛୁ, ଆମେ ଯେଉଁ ନିଷ୍ପତ୍ତି ନେଉଛୁ, ତାହା ଆଗାମୀ ହଜାର ବର୍ଷର ଭବିଷ୍ୟତକୁ ଗଢ଼ି ତୋଳିବ ବୋଲି ସେ ଆଲୋକପାତ କରିଥିଲେ। ପ୍ରାଚୀନ ଶାସ୍ତ୍ରଗୁଡ଼ିକୁ ଉଦ୍ଧୃତ କରି ସେ କହିଥିଲେ ଯେ ଯେପରି ରଥ ଗୋଟିଏ ଚକରେ ଚାଲିପାରିବ ନାହିଁ, ସେହିପରି ପ୍ରୟାସ ବିନା କେବଳ ଭାଗ୍ୟ ଉପରେ ନିର୍ଭର କରି ସଫଳତା ହାସଲ କରାଯାଇପାରିବ ନାହିଁ। ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ସାମୂହିକ ପ୍ରୟାସ ଏବଂ ଦୃଢ଼ତାର ଗୁରୁତ୍ୱକୁ ବୁଝାଇ ସେ ସମସ୍ତଙ୍କୁ ଏହି ସହଭାଗୀ ଦୃଷ୍ଟିକୋଣ ପାଇଁ ପ୍ରତ୍ୟେକ ଦିନ ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଅକ୍ଳାନ୍ତ ପରିଶ୍ରମ କରିବାକୁ ଆହ୍ୱାନ କରିଥିଲେ। ବିଶ୍ୱ ସ୍ତରରେ ଘଟୁଥିବା ଦ୍ରୁତ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ପ୍ରତି ଦୁଇରୁ ତିନି ବର୍ଷରେ ଗ୍ୟାଜେଟର ଦ୍ରୁତ ବିକାଶ ଏବଂ ଏହି ପରିବର୍ତ୍ତନ ମଧ୍ୟରେ ପିଲାମାନେ କିପରି ବଢୁଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଭାରତର ଅମଲାତନ୍ତ୍ର, କାର୍ଯ୍ୟ ପ୍ରକ୍ରିୟା ଏବଂ ନୀତି ନିର୍ଦ୍ଧାରଣ ପୁରୁଣା ଢାଞ୍ଚାରେ କାର୍ଯ୍ୟ କରିପାରିବ ନାହିଁ। ସେ ୨୦୧୪ ମସିହାରେ ଆରମ୍ଭ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବିଷୟରେ ମତାମତ ଦେଇଥିଲେ, ଏହାକୁ ଦ୍ରୁତ ଗତିରେ ହେଉଥିବା ପରିବର୍ତ୍ତନ ସହିତ ଖାପ ଖୁଆଇବା ପାଇଁ ଏକ ମହାନ ପ୍ରୟାସ ଭାବରେ ବର୍ଣ୍ଣନା କରିଥିଲେ। ସେ ଭାରତର ସମାଜ, ଯୁବପିଢ଼ି, କୃଷକ ଏବଂ ମହିଳାଙ୍କ ଆକାଂକ୍ଷା ଉପରେ ଆଲୋକପାତ କରି କହିଥିଲେ ଯେ, ସେମାନଙ୍କର ସ୍ୱପ୍ନ ଅଭୂତପୂର୍ବ ଉଚ୍ଚତାରେ ପହଞ୍ଚିଛି ଏବଂ ଏହି ଅସାଧାରଣ ଆକାଂକ୍ଷା ପୂରଣ କରିବା ପାଇଁ ଅସାଧାରଣ ଗତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ଆଗାମୀ ବର୍ଷ ପାଇଁ ଭାରତର ମହତ୍ୱାକାଂକ୍ଷୀ ଲକ୍ଷ୍ୟଗୁଡ଼ିକୁ ବର୍ଣ୍ଣନା କରିଥିଲେ, ଯେଉଁଥିରେ ଶକ୍ତି ସୁରକ୍ଷା, ସ୍ୱଚ୍ଛ ଶକ୍ତି, କ୍ରୀଡାରେ ଉନ୍ନତି ଏବଂ ମହାକାଶ ଅନୁସନ୍ଧାନରେ ସଫଳତା ଅନ୍ତର୍ଭୁକ୍ତ। ଭାରତକୁ ଯଥାଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା ପାଇଁ ସରକାରୀ କର୍ମଚାରୀଙ୍କ ଉପରେ ରହିଥିବା ବିରାଟ ଦାୟିତ୍ୱକୁ ଗୁରୁତ୍ୱାରୋପ କରି, ସେ ଏହି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲରେ ବିଳମ୍ବକୁ ରୋକିବା ପାଇଁ ସେମାନଙ୍କୁ ଅନୁରୋଧ କରିଥିଲେ। ଚଳିତ ବର୍ଷର ପ୍ରଶାସନିକ ସେବା ଦିବସର ବିଷୟବସ୍ତୁ 'ଭାରତର ସାମଗ୍ରିକ ବିକାଶ' ଉପରେ ଖୁସି ବ୍ୟକ୍ତ କରି ଶ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ ଯେ, ଏହା କେବଳ ଏକ ବିଷୟବସ୍ତୁ ନୁହେଁ ବରଂ ଦେଶବାସୀଙ୍କ ପ୍ରତି ଏକ ପ୍ରତିବଦ୍ଧତା ଏବଂ ପ୍ରତିଶ୍ରୁତି। ଭାରତର ସାମଗ୍ରିକ ବିକାଶର ଅର୍ଥ ହେଉଛି କୌଣସି ଗାଁ, ପରିବାର ଏବଂ କୌଣସି ନାଗରିକ ଯେପରି ପଛରେ ନ ରହି ଯାଆନ୍ତି ତାହାକୁ ନିଶ୍ଚିତ କରିବା ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ପ୍ରକୃତ ପ୍ରଗତି ଛୋଟ ପରିବର୍ତ୍ତନ ବିଷୟରେ ନୁହେଁ ବରଂ ପୂର୍ଣ୍ଣ ପ୍ରଭାବ ହାସଲ କରିବା ସମ୍ପର୍କିତ ହୋଇଥାଏ। ସେ ସାମଗ୍ରିକ ବିକାଶର ଦୃଷ୍ଟିକୋଣକୁ ରୂପରେଖ ଦେଇଥିଲେ, ଯେଉଁଥିରେ ପ୍ରତ୍ୟେକ ପରିବାର ପାଇଁ ସ୍ୱଚ୍ଛ ଜଳ, ପ୍ରତ୍ୟେକ ପିଲା ପାଇଁ ଗୁଣାତ୍ମକ ଶିକ୍ଷା, ପ୍ରତ୍ୟେକ ଉଦ୍ୟୋଗୀ ପାଇଁ ଆର୍ଥିକ ସୁବିଧା ଏବଂ ପ୍ରତ୍ୟେକ ଗ୍ରାମ ପାଇଁ ଡିଜିଟାଲ ଅର୍ଥନୀତିର ଲାଭ ଅନ୍ତର୍ଭୁକ୍ତ। ସେ ଆଲୋକପାତ • ପୃଷ୍ଠା ୭ ଦେଖନ୍ତୁ...



## ଚଳିତ ବର୍ଷ ପ୍ରଥମଥର ପାଇଁ ୪୫ ଟପିଲା ତାତି



ଭୁବନେଶ୍ୱର, ୨୧।୪ (ଡିକେ ନ୍ୟୁଜ୍): ରାଜ୍ୟରେ ଚଳିତବର୍ଷ ପ୍ରଥମ ଥର ପାଇଁ ୪୫ ଟପିଛି ତାତି। ଗତ ଦୁଇଦିନ ହେଲା ଝାରସୁଗୁଡା ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ସୋମବାର ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୪୫.୪ ଡିଗ୍ରୀ ରେକର୍ଡ କରାଯାଇଛି। ସୋମବାର ରେକର୍ଡ ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହୋଇଥିଲା ବେଳେ ଏହା ପଛକୁ ସମ୍ବଲପୁର ୪୩, ହୀରାକୁଦ ୪୨.୪, ରାଉରକେଲା ୪୨, କେନ୍ଦୁଝର ୩୮.୩, ଚାନ୍ଦବାଲି ୩୮.୨, ବାଲେଶ୍ୱର ୩୭, ଭୁବନେଶ୍ୱର ୩୬ ରହିଛି। ଆଗାମୀ ତିନିଦିନରେ ରାଜ୍ୟରେ ତାପମାତ୍ରା ୩ରୁ ୫ ଡିଗ୍ରୀ ବଢିବାର ସମ୍ଭାବନା ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କେଉଁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଂଜାମ, ଗଜପତି, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ କାଳବୈଶାଖୀ ପ୍ରଭାବରେ ଝାଡ଼ବର୍ଷା ହୋଇପାରେ। ତେବେ ମଙ୍ଗଳବାରଠାରୁ ରାଜ୍ୟରେ ଆହୁରି ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଥିପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମଙ୍ଗଳବାର ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ବଲାଙ୍ଗୀର ଜିଲ୍ଲାକୁ ହିଟୱେଭ ଆଲର୍ଟ ଜାରି କରାଯାଇଛି। ସେହିପରି ବୁଧବାର ପାଇଁ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ନୂଆପଡା, ସୋନପୁର ଏ ବୌଦ୍ଧ ଜିଲ୍ଲାକୁ ହିଟୱେଭ ଆଲର୍ଟ ଜାରି କରାଯାଇଥିଲା ବେଳେ ଗଜପତି, ଗଂଜାମ, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, ଯାଜପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱର • ପୃଷ୍ଠା ୭ ଦେଖନ୍ତୁ...

## ପୋପ୍ ଫ୍ରାନ୍ସିସଙ୍କର ୮୮ ବର୍ଷ ବୟସରେ ପରଲୋକ



### ପୋପ୍‌ଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ, ୨୧।୪ (ହି.ସ): ଖ୍ରୀଷ୍ଟ ଧର୍ମର ସର୍ବୋଚ୍ଚ ଧର୍ମଗୁରୁ ଭାଟିକାନ ସିଟିର ପୋପ୍ ଫ୍ରାନ୍ସିସଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମୋଦି ଏହି ଅବସରରେ ପୋପ୍‌ଙ୍କ ସହ ସାକ୍ଷାତ ସମୟର ମୁହୂର୍ତ୍ତକୁ ମନେ ପକାଇ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଲେଖିଛନ୍ତି, ପୋପ୍ ଫ୍ରାନସିସଙ୍କ ନିଧନ ତାଙ୍କୁ ଗଭୀର ଆଘାତ ଦେଇଛି। ଦୁଃଖ ଏବଂ ସ୍ମରଣର ଏହି ମୁହୂର୍ତ୍ତରେ ବିଶ୍ୱସ୍ତରର କ୍ୟାଥୋଲିକ ସମ୍ପ୍ରଦାୟ ପ୍ରତି ସେ ସମବେଦନା ଜଣାଉଛନ୍ତି। ପୋପ ଫ୍ରାନସିସଙ୍କୁ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକ ସର୍ବଦା କରୁଣା, ବିନମ୍ରତା ଏବଂ ଆଧ୍ୟାତ୍ମିକ ସାହସର ପ୍ରତୀକ ରୂପେ ମନେରଖିବେ। ଛୋଟ ବୟସରୁ ହିଁ ସେ ଖ୍ରୀଷ୍ଟ ଧର୍ମର ଆଦର୍ଶକୁ ସାକାର କରିବା ଲାଗି ନିଜକୁ ସମର୍ପିତ କରିଦେଇଥିଲେ। ସେହିପରି ଖ୍ରୀଷ୍ଟଧର୍ମର ସର୍ବୋଚ୍ଚ ଗୁରୁ ପୋପ୍ ଫ୍ରାନ୍ସିସଙ୍କ • ପୃଷ୍ଠା ୭ ଦେଖନ୍ତୁ...

ନୂଆଦିଲ୍ଲୀ, ୨୧।୪ (ହି.ସ): ଖ୍ରୀଷ୍ଟ ଧର୍ମର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନସିସ୍‌ଙ୍କ ପରଲୋକ ହୋଇଛି। ୮୮ ବର୍ଷ ବୟସରେ ଭାଟିକାନ ସିଟିରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ପୋପ୍। ଦୀର୍ଘ ଦିନ ହେବ ଫୁସଫୁସ୍ ଜନିତ ସମସ୍ୟା ସହ ନିମୋନିଆରେ ପୀଡ଼ିତ ଥିଲେ। ୫ ସପ୍ତାହ ହେବ ଚିକିତ୍ସାଧୀନ ଥିଲେ ପୋପ୍ ଫ୍ରାନସିସ୍। ଇଷ୍ଟର ପର୍ବ ଚାଲିଥିବା ବେଳେ ପୋପ୍‌ଙ୍କ ବିୟୋଗ ହୋଇଛି। ଏ ନେଇ ଭାଟିକାନ୍ ସିଟି ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ଦେହାନ୍ତ ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଭାଟିକାନ ସିଟି ପକ୍ଷରୁ ଜାରି ହୋଇଥିବା ବିବୃତ୍ତିରେ କୁହାଯାଇଛି କି, ସୋମବାର ସକାଳ ୭ଟା ୩୫ ମିନିଟରେ ପୋପ୍ ଫ୍ରାନସିସ୍‌ଙ୍କର ଦେହାନ୍ତ ହୋଇଛି। ଇଷ୍ଟର ସନଡେରେ ପୋପ୍ ଫ୍ରାନସିସ୍ ଲୋକଙ୍କୁ ସମ୍ବୋଧନ କରିବା ପରେ ତାଙ୍କର ଦେହାନ୍ତ ହୋଇଛି। ଇଷ୍ଟର ଶୁଭେଚ୍ଛା ଜଣାଇ ସେ କହିଥିଲେ, ଭାଇ ଓ ଭଉଣୀମାନେ ତୁମକୁ ଇଷ୍ଟରର ଅନେକ ଅନେକ ଶୁଭକାମନା। ଏହା ପରେ ପରେ ହିଁ ତାଙ୍କର ପରଲୋକ ହୋଇଥିଲା। ୧୯୩୬ରେ ଆର୍ଜେଣ୍ଟିନାରେ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଜନ୍ମଗ୍ରହଣ କରିଥିଲେ। ୨୦୧୩ରେ ପୋପ୍ ଫ୍ରାନସିସ୍ ପଦ ସମ୍ଭାଳିଥିଲେ। ପୋପ୍ ବେନଡକ୍ଟଙ୍କ ଇସ୍ତଫା ପରେ ଅଣ ୟୁରୋପିୟ ଭାବେ କାର୍ଡିନିଲ • ପୃଷ୍ଠା ୭ ଦେଖନ୍ତୁ...

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ

ନୂଆଦିଲ୍ଲୀ, ୨୧।୪ (ହି.ସ): ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଦୁହିଁଙ୍କ ମଧ୍ୟରେ ଅନେକ ଆଲୋଚନା ହୋଇଛି। ପୂର୍ବରୁ, ଜେଡି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଭାନ୍ସ ସୋମବାର ସକାଳେ ୪ ଦିନିଆ ଭାରତ ଗସ୍ତରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଏହା ପରେ, ସେ ତାଙ୍କ ପରିବାର ସହିତ ଅକ୍ଷରଧାମରେ ପହଞ୍ଚି ଦର୍ଶନ କରିଥିଲେ। ସୂଚନାଥାଉକି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି ଏବଂ ଚୀନ୍ ସହିତ ଏକ ପ୍ରକାର ଶୁଳ୍କ ଯୁଦ୍ଧ ଆରମ୍ଭ ହୋଇଥିବା ସମୟରେ • ପୃଷ୍ଠା ୭ ଦେଖନ୍ତୁ...




## ଗୁଳୁଗୁଳି ସତ୍ତ୍ୱେ ଯାତ୍ରାଞ୍ଚଳ ଉତ୍ସବ ମୁଖର



ବ୍ରହ୍ମପୁର, ୨୧।୪ (ଡିକେ ନ୍ୟୁଜ୍): ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ରବିବାର ୧୮ ଦିନରେ ପହଞ୍ଚିଛି। ଯାତ୍ରା ଦିନ ଗଡ଼ିବା ସହିତ ଗୋଟିଏ ପରେ ଗୋଟିଏ ରଥ ମଧ୍ୟ ଉନ୍ମୋଚନ ହେବାରେ ଲାଗିଛି। ରବିବାର ହୋଇଥିବାରୁ ଅସ୍ଥାୟ ପୀଠରେ ସକାଳୁ ରାତି ପର୍ଯ୍ୟନ୍ତ ଭିଡ ଜମିଥିଲା। ଅନ୍ୟପଟେ ଯାତ୍ରାକୁ ଆଉ ମାତ୍ର ୭ ଦିନ ବାକି ଥିବା ଯୋଗୁ ଅସ୍ଥାୟୀ ପୀଠରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ରବିବାର ଶତାଧିକ ମାନସିକଧାରୀ ଅସ୍ଥାୟୀ ପାଠକୁ ଆସି ମା'ଙ୍କୁ ଦର୍ଶନ କରିଥିଲେ। ଗ୍ରୀଷ୍ମ ପ୍ରବାହ ଯୋଗୁ ଦିନ ସମୟରେ ଶ୍ରଦ୍ଧାଳୁମାନେ ଭିଡ଼ରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ନାହିଁ ନଥିବା ଗୁଳୁଗୁଳି ସାଙ୍ଗକୁ ଟାଣ ଖରା ମାନସିକଧାରୀଙ୍କୁ ବ୍ୟତିବ୍ୟସ୍ତ କରିଥିଲା। ଅସହ୍ୟ ଖରାକୁ ଦୃଷ୍ଟିରେ ରଖି ବିଭିନ୍ନ ସଂଗଠନ ତରଫରୁ ଥଣ୍ଡା ପାନୀୟ ସହିତ ଖାଦ୍ୟ ମଧ୍ୟ ଦେଶୀବେହେରା ସାହିରେ ବଣ୍ଟନ କରାଯାଇଥିଲା। ଏହା ଶ୍ରଦ୍ଧାଳୁଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଥିଲା। ସେହିଭଳି ଯାତ୍ରା ବାଣ୍ଡକୁ ରଥ ଆସିବା ଆରମ୍ଭ ହୋଇଥିବାରୁ ବଡବଜାର, ସାନବଜାର, ପୁରୁଣା ବ୍ରହ୍ମପୁର ଅଞ୍ଚଳର ସମସ୍ତ ସାହି ଏବେ ଉତ୍ସବ ମୁଖର ହୋଇ ଉଠିଛି। ମା'ଙ୍କ ଯାତ୍ରାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଦେଶୀବେହେରା ସାହି। ଟାଣ ଖରାକୁ ଖାତିର ନ କରି ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରୁଛନ୍ତି। ମହିଳାମାନେ ଅସ୍ଥାୟୀ ପୀଠ ସମ୍ମୁଖରେ ଥିବା ଧର୍ମଝଣ୍ଡା ମୂଳରେ ପୂଜାର୍ଜନା କରିବା ପରେ ମା'ଙ୍କୁ ପୂଜିଥିଲେ। ଶତାଧିକ ମାନସିକ ବେଶଧାରୀଙ୍କ ଉପସ୍ଥିତି ଆକର୍ଷଣୀୟ ହୋଇଥିଲା। କୃଷ୍ଣବଳରାମ, ବାଘବେଶ ସମେତ ବିଭିନ୍ନ ବେଶଧାରୀମାନେ ଯାତ୍ରା ସ୍ଥଳରେ ମନୋରଞ୍ଜନ କରିଥିଲେ। ଛୋଟ ଛୋଟ ଶିଶୁଙ୍କ ଠାରୁ ଆରମ୍ଭକରି ବୟସ୍କମାନେ ଭଳିକି ଭଳି ବେଶରେ ଆସିଥିଲେ। ଚାଙ୍ଗୁ ମାଡ଼ରେ ବାଘ ବେଶଧାରୀଙ୍କ ବୀର ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା ଓ ବହୁ ସଂଖ୍ୟାରେ ବାଘ ବେଶଧାରୀଙ୍କୁ ଯାତ୍ରା ସ୍ଥଳରେ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମା'ଙ୍କ ପାରମ୍ପରିକ ଘଟଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଆଳତି ପରେ ପରିକ୍ରମା ଆରମ୍ଭ ହୋଇଯାଇଥିଲା। ମା' ଦେବକୀ ମୁଖ୍ୟଘଟକୁ ମୁଣ୍ଡାଇ ପୀଠରୁ ବାହାରିଥିବା ବେଳେ ସାଥିରେ ଅନ୍ୟ ୮ ପାର୍ଶ୍ୱଘଟକୁ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ମୁଣ୍ଡାଇଥିଲେ। ମା'ଙ୍କ ଘଟ ବାଦ୍ୟ, ବାଜଣା, ମହୁରୀ ଓ ହୁଳହୁଳି ନାଦ ମଧ୍ୟରେ ରାଜବାଟିକୁ ଯାଇଥିଲା। ସେଠାରେ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତି ସହ ପୂଜାର୍ଚ୍ଚନା କରିଥିଲେ। ଘଟ ରାଜବାଟୀକୁ ଯିବା ବେଳେ ଉଭୟ ପାର୍ଶ୍ୱରେ ମହିଳାମାନେ ଭିଡ଼ ଜମାଇଥିଲେ। ଗୁଡ଼ ବଜାର ହୋଇ ଜେନା ସାହିକୁ ଯାଇଥିଲା ମା'ଙ୍କ ଘଟ। ସେଠାରେ ବୀର ଲକ୍ଷ୍ମଣ ରଥକୁ ଉନ୍ମୋଚନ କରିଥିଲେ ମା'। ଏହା ପରେ ଶଙ୍କରପୁର ସାହିକୁ ଯାଇଥିଲେ। ସେଠାରେ ରାମ ଚନ୍ଦ୍ର ରଥକୁ ମା' ଉନ୍ମୋଚନ କରିଥିଲେ ଓ ପରିକ୍ରମା ବେଳେ ପ୍ରବଳ ଜନସମାଗମ ହୋଇଥିଲା। ଏହା ପରେ • ପୃଷ୍ଠା ୭ ଦେଖନ୍ତୁ...



# ଭାରତୀୟ ସେୟାର ବଜାର ଉପରେ ଭରସା ଜନ୍ମାଉଛନ୍ତି ବିଦେଶୀ ନିବେଶକ: ଗତ ସପ୍ତାହରେ ହୋଇଛି ୮,୫୦୦ କୋଟି ନିବେଶ

**ନୂଆଦିଲ୍ଲୀ,(ହି.ସ):** ଗତ ସପ୍ତାହରେ ସେୟାର ବଜାରରେ ମାତ୍ର ତିନି ଦିନ ପାଇଁ କାରବାର ହୋଇଥିଲା। କିନ୍ତୁ ଏହି ତିନି ଦିନ ମଧ୍ୟରେ ବଜାର ଉଛୁଳିଥିବା ଦେଖିବାକୁ ମିଳିଥିଲା। ବଜାର ଏହାର ଗତିପଥ ବଦଳାଇଲା। ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ସେୟାର ମାର୍କେଟ ଅଳସୁଆ ହୋଇଯାଇଥିଲେ ମଧ୍ୟ ଏହା ସ୍ୱାଭାବିକ ହେବାରେ ଲାଗିଥିଲା। ଏହା ପଛରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ବିଦେଶୀ ନିବେଶକଙ୍କ ସମର୍ଥନ। ହଁ ବିଦେଶୀ ନିବେଶକ ଯଥା ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ଗତ ସପ୍ତାହରେ ଘରୋଇ ଷ୍ଟକ ବଜାରରେ ପ୍ରାୟ ୮,୫୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହି ମାସ ଆରମ୍ଭରେ, ଏଫପିଆଇ ଘରୋଇ ବଜାରରେ କାରବାର କରିଥିଲା। ଶକ୍ତିଶାଳୀ ଘରୋଇ ଅର୍ଥନୀତି ଯୋଗୁଁ ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଜମାକାରୀଙ୍କ ତଥ୍ୟ ଅନୁଯାୟୀ, ଏପ୍ରିଲ୍ ୧୮ ଶେଷ ସପ୍ତାହରେ ଏଫପିଆଇ ଗୁଡିକ ୮,୪୭୨ କୋଟି ଟଙ୍କା ଅଂଶଧନ ନିବେଶ କରିଛନ୍ତି। ଏପ୍ରିଲ୍ ୧୫ ରେ ୨୩୫୨ କୋଟି ଟଙ୍କା ପ୍ରତ୍ୟାହାର ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ପରବର୍ତ୍ତୀ ଦୁଇଟି ବ୍ୟବସାୟିକ ଦିନରେ ସେ ୧୦,୮୨୪ କୋଟି ଟଙ୍କା ନିବେଶ କରିଛନ୍ତି। ମର୍ନିଙ୍ଗଷ୍ଟାର୍ ଇନଭେଷ୍ଟମେଣ୍ଟସ୍ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି ଯେ ଏଫପିଆଇ କାର୍ଯ୍ୟକଳାପରେ ସମ୍ପ୍ରତି ବୃଦ୍ଧି ଭାବର ଏକ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚାଉଛି। ୧୫ରୁ ୧୭ ଏପ୍ରିଲ ମଧ୍ୟ ସପ୍ତାହରେ, ବାଣିଜ୍ୟ କେବଳ ତିନି ଦିନ ହୋଇଥିଲା - ମଙ୍ଗଳବାର, ବୁଧବାର ଏବଂ ଗୁରୁବାର। ଅମ୍ବେଦକର ଜୟନ୍ତି ଓ ଗୁଡ୍ ଫ୍ରାଇଡେ' କାରଣରୁ ସୋମବାର ଓ ଶୁକ୍ରବାର ଦିନ ଷ୍ଟକ ବଜାର ବନ୍ଦ ରହିଥିଲା। ଏପ୍ରିଲରେ ଏଫପିଆଇଗୁଡିକ ସେୟାରରୁ ୨୩,୧୦୩ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି। ୨୦୨୫ ଆରମ୍ଭରୁ ଏହା ସେମାନଙ୍କର ମୋଟ ପ୍ରତ୍ୟାହାରକୁ ୧.୪ ଲକ୍ଷ କୋଟି ଟଙ୍କା ନେଇଥାଏ। ଶ୍ରୀବାସ୍ତବ କହିଛନ୍ତି ଯେ ମାସର ପ୍ରାରମ୍ଭରେ ଏଫପିଆଇ ଗୁଡିକ ଆକ୍ରମଣାତ୍ମକ ଭାବରେ ବିକ୍ରି ହୋଇଥିଲା। ଏହା ମୁଖ୍ୟତଃ ବିଶ୍ୱର ବିଭିନ୍ନ ଦେଶ ଉପରେ ଆମେରିକା ଲାଗୁ କରିଥିବା ପାରସ୍ପରିକ ଶୁଳ୍କ ଯୋଗୁଁ ହୋଇଥିଲା। ଭାରତର ଶକ୍ତିଶାଳୀ ଘରୋଇ ଅର୍ଥନୀତି, ବିଶ୍ୱ ବାଣିଜ୍ୟ ବ୍ୟାଘାତରୁ କିଛି ଆଶ୍ୱସ୍ତି ଏବଂ ଭାରତୀୟ ଷ୍ଟକ୍ ବଜାରରେ ସଂଶୋଧନ ହେତୁ ଏଫପିଆଇ ଭାବନାରେ ଉନ୍ନତି ଘଟିଛି।

# ଇଡିଆଇଆଇ ୪୩ତମ ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭାରତୀୟ ଉଦ୍ୟୋଗୀତା ବିକାଶ ପ୍ରତିଷ୍ଠାନ ୨୦ ଏପ୍ରିଲ ୨୦୨୫ରେ ତାର ୪୩ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଗୋଆର ମାନ୍ୟବର ମୁଖ୍ୟମନ୍ତ୍ରୀ ଡ. ପ୍ରମୋଦ ସାୱନ୍ତ ଭର୍ଚୁଆଲ ଭାବରେ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଯଥା ପିରୁଜ ଖାମ୍ବାଟା, ଅଧ୍ୟକ୍ଷ ରସନା ଗ୍ରୁପ ଓ ସମ୍ମାନଜନକ କନସଲ ଜେନେରାଲ ଦକ୍ଷିଣ କୋରିଆ (ଗୁଜୁରାଟ), ସମ୍ମାନିତ ଅତିଥି, ଶ୍ରୀ ସୁନୀଲ ଆଞ୍ଚିପାକା, ସଚିବ (ଉଦ୍ୟୋଗ) ଗୋଆ, ବି.ଏସ ପାଇ ଆଙ୍ଗେଲ ପରିଚାଳନା ନିର୍ଦ୍ଦେଶକ, ଇଡିସି ଲିଃ, ଗୋଆ, ଶ୍ରୀ ଦିନେଶ ସିଂହ ରାୱତ ମୁଖ୍ୟ ମହାପ୍ରବନ୍ଧକ ଓ ଜେନେରାଲ ମୁଖ୍ୟ (ଅହମଦାବାଦ ଜୋନ), ଆଇଡିବିଆଇ ବ୍ୟାଙ୍କ ଲିଃ, ଅହମଦାବାଦ ଜୋନ ପ୍ରଭୃତି ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇ ଷ୍ଟାର୍ଟଅପ ଓ ନବସୃଜନ ଦେଶର ଅଭିବୃଦ୍ଧି ଉପରେ କିପରି ପ୍ରଭାବ ପକାଉଛି ତାହା ଉପରେ ଆଲୋଚନା କରିଥିଲେ। ଡ. ପ୍ରମୋଦ ସାୱନ୍ତ ଜୀ ଭର୍ଚୁଆଲ ମୋଡରେ ସମ୍ବୋଧିତ କରି ଗୁଜରାଟର ଅନନ୍ୟ ଅଭିବୃଦ୍ଧି ମଡେଲକୁ ପ୍ରଶଂସା କରିଥିଲେ ଓ ଦେଶରେ ଉଦ୍ୟୋଗ




ଲାଗି ପ୍ରଚାର ପାଇଁ ଇଡିଆଇଆଇକୁ ଶ୍ରେୟ ଦେଇଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଭାରତ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଅଗ୍ରଣୀ ଷ୍ଟାର୍ଟଅପ ରାଷ୍ଟ୍ର ହେବାକୁ ଯାଉଛି ଓ ଏଥିରେ ଇଡିଆଇଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୋଆ ଏକ ଦୃଢ ଷ୍ଟାର୍ଟଅପ ବିକାଶ ପଥରେ ଅଗ୍ରସର ହେଉଛି। ମୁଖ୍ୟମନ୍ତ୍ରୀ ଉଦ୍ୟୋଗିକତାକୁ ପ୍ରୋତ୍ସାହନ ଦେବା ଲାଗି ଇଡିଆଇଆଇର ଯୋଗଦାନକୁ ସକ୍ରିୟ କରୁଛନ୍ତି। ସେ ଇଡିଆଇଆଇ କେନ୍ଦ୍ର ପ୍ରତିଷ୍ଠା ପୂର୍ବରୁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଏକ ଚିଠି ଲେଖି ଏହି ଆବଶ୍ୟକତା ଆରମ୍ଭ କରିବା ପରେ ଇଡିଆଇଆଇ ଦ୍ୱାରା ପ୍ରତିଷ୍ଠା ବିଷୟ ଜଣାଇଛନ୍ତି। ଶ୍ରୀ ଦିନେଶସିଂ ରାୱତ କହିଛନ୍ତି ଯେ ସବୁ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଉଦ୍ୟୋଗିକତାକୁ ନିଯୁକ୍ତି ଦେବାରେ ଇଡିଆଇଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି ଅବସରରେ ଡ. ପିରୁଜ ଖମ୍ବାଟାସୈଦ କହିଥିଲେ ଯେ ଆଜି ଦେଶରେ ଉଦ୍ୟୋଗିକତା ବହୁତ ଆଗକୁ ବଢିଛି। ସମାଜିକ-ଆର୍ଥିକ ବିକାଶରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦକ୍ଷିଣ ଭାରତର ଦୃଷ୍ଟିକୋଣ ଉଦ୍ୟୋଗିକତା, ଦକ୍ଷତା ବିକାଶ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ବିସ୍ତୃତ ବଜାର ସ୍ତମ୍ଭ ଉପରେ ଆଧାରିତ। ବିଭିନ୍ନ ବର୍ଗର ଲୋକମାନଙ୍କୁ ଉଦ୍ୟୋଗୀ ହେବା ଲାଗି ପ୍ରୋତ୍ସାହନ ସୃଷ୍ଟି କରିବାରେ ସହାୟତା ଲାଗି ଇଡିଆଇଆଇକୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି। ଡ. ସୁନୀଲ ଶୁକ୍ଲା ତାଙ୍କ ଭାଷଣରେ ଇଡିଆଇଆଇର ଉତ୍ପତି ବିଷୟରେ ସୂଚନା ଦେଇଥିଲେ ଓ ଉଦ୍ୟୋଗ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଇଡିଆଇଆଇ ଉଦ୍ୟୋଗୀ ମନୋଭାବକୁ ଉତ୍ସାହିତ କରିବାର ୪୩ ବର୍ଷ ପୂରଣ କରୁଥିବାରୁ ଆମେ ଖୁସି ଅନୁଭବ କରୁଛୁ। ଇଡିଆଇଆଇ ସର୍ବଦା ଉଦ୍ୟୋଗୀକତା ଉପରେ ଧ୍ୟାନ ଦେଇ ଚାଲୁ। ଆମେ ଆମର ଯାତ୍ରାରେ ସରକାର ଓ କର୍ପୋରେଟରଗୁଡ଼ିକର ସମର୍ଥନକୁ ସ୍ୱିକାର ମଧ୍ୟ କରୁଛୁ। ଭାରତୀୟ ଉଦ୍ୟୋଗିତା ବିକାଶ ପ୍ରତିଷ୍ଠାନ ବିଷୟରେ: ଭାରତୀୟ ଉଦ୍ୟୋଗିତା ବିକାଶ ପ୍ରତିଷ୍ଠାନ ଅହମଦାବାଦ ୧୯୮୩ରେ ଏକ ସ୍ୱୟଂଶାସିତ ଅଣ ଲାଭଦାୟକ ପ୍ରତିଷ୍ଠାନ ଭାବରେ ଆଇଡିବିଆଇ ବ୍ୟାଙ୍କ ଲିମିଟେଡ, ଆଇଏଫସିଆଇ ଲିମିଟେଡ, ଆଇସିଆଇସିଆଇ ବ୍ୟାଙ୍କ ଲମିଟେଡ ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସମର୍ଥନ ପାଇ ଆଗକୁ ବଢିଥିଲା। ଗୁଜୁରାଟ ସରକାର ତେଇଶ ଏକର ଜମି ପ୍ରତିଶ୍ରୁତି ଦେଇଥିଲେ ଯାହା ଉପରେ ଏହି ମହାନ ଓ ବିସ୍ତୃତ କ୍ୟାମ୍ପସ ପ୍ରତିଷ୍ଠା ହୋଇଛି। ଭାରତ ସକରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରାଳୟ ଦ୍ୱାରା ଇଡିଆଇଆଇକୁ ଉତ୍କର୍ଷ କେନ୍ଦ୍ର ଭାବେ ମାନ୍ୟତା ଦିଆଯାଇଛି।

# ଖିମଜୀ ଜୁଏଲର୍ସ ଆରମ୍ଭ କଲା 'ଦି ଗ୍ରାଣ୍ଡ୍ ଅକ୍ଷୟ ତୃତୀୟା ସେଲ୍'

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ପବିତ୍ର ଅକ୍ଷୟ ତୃତୀୟାର ଉତ୍ସାହ ଉଦ୍ଦୀପନାକୁ ପାଳନ କରିବା ପାଇଁ ଓଡ଼ିଶାର ସର୍ବପୁରାତନ ଏବଂ ସବୁଠାରୁ ବିଶ୍ୱସନୀୟ ଜୁଏଲର ଖିମଜୀ ଜୁଏଲର୍ସ ଏହାର ବହୁ ପ୍ରତୀକ୍ଷିତ ଅକ୍ଷୟ ତୃତୀୟା ସେଲ୍ ଆରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ସେଲରେ ସୁନା ଓ ହୀରା ଅଳଙ୍କାର ଗଢା ମଜୁରୀ ଉପରେ ଫ୍ଲାଟ ୫୦ ପ୍ରତିଶତ ରିହାତି ଏବଂ ହୀରା ଉପରେ ମାଗଣା ବୀମା ପ୍ରଦାନ କରୁଛି। ଗ୍ରହକମାନେ ଏଥିରେ ସାମିଲ ହେବା ସହିତ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିବା ନିମନ୍ତେ ଏହି ଅନନ୍ୟ ସପିଂ ଉତ୍ସବରେ ଯୋଗଦେବାକୁ ସମସ୍ତଙ୍କୁ ସାଦର ଆମନ୍ତ୍ରଣ କରାଯାଉଛି। ଏଥିସହିତ ଖିମଜୀ ଜୁଏଲର୍ସ ଏହାର ବହୁମୂଲ୍ୟ ଗ୍ରାହକଙ୍କ ନିମନ୍ତେ ବହୁବିଧ ଆକର୍ଷଣୀୟ ଫାଇଦା ଯୋଗାଇ ଦେଉଛି। ଏହି ସ୍ୱତନ୍ତ୍ର ଅଫର ଖିମଜୀ ଜୁଏଲର୍ସର ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡା ଏବଂ ରାଉରକେଲା ଆଦି ସହରରେ ଥିବା ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି। ଯାହା ଗ୍ରାହକଙ୍କୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମନଲୋଭା ଗହଣା କ୍ରୟ କରିବାର ସୁଯୋଗ ପ୍ରଦାନ କରୁଛି। ୮୯ ବର୍ଷର ପରମ୍ପରା ଥିବା ଏବଂ ଓଡ଼ିଶାର ସର୍ବାଧିକ ବିଶ୍ୱସନୀୟ ଜୁଏଲର ବ୍ରାଣ୍ଡ୍ ଭାବରେ ଖିମଜୀ ଜୁଏଲର୍ସ ତାହାର ଆକର୍ଷଣୀୟ ଡିଜାଇନ ନିମନ୍ତେ ସୁପରିଚିତ ଯାହାକୁ ପିଢି ପରେ ପିଢି ଅତି ନିଖୁଣ ଭାବରେ ପ୍ରସ୍ତୁତ କରାଯାଇଆସୁଛି। ତାହା ଝଲମଲ କରୁଥିବା ହୀରାର ହାର,



ମନଲୋଭା ସୁନା ଚୁଡି ଅଥବା ନିଖୁଣ ଭାବରେ ଡିଜାଇନ କରାଯାଇଥିବା ବ୍ରାଇଡାଲ ଅଳଙ୍କାର ହେଉ, ଏହି ବ୍ରାଣ୍ଡ୍ ପ୍ରତ୍ୟେକ ପସନ୍ଦ ଏବଂ ଅବସରକୁ ଖାପ ଖୁଆଇବା ଭଳି ବହୁବିଧ ବିକଳ୍ପ ଉପଲବ୍ଧ କରାଉଛି। ମିତେଶ ଖିମଜୀ, ମ୍ୟାନେଜିଂ ଡାଇରେକ୍ଟର, ଖିମଜୀ ଜୁଏଲର୍ସ ଏହି ଅନନ୍ୟ ଅଫର ପଛରେ ଥିବା ଭାବ ପ୍ରବଣତା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ଓଡ଼ିଶା ବଜାରରେ ଆମେ ଯୋଗାଇ ଦେଉଥିବା ଏହା ଅନ୍ୟତମ ସର୍ବବୃହତ ସେଲ୍ ହୋଇଛି, ଯେଉଁଥିରେ ପୂର୍ଣ୍ଣାଙ୍ଗ ସୁନା ଓ ହୀରା ଅଳଙ୍କାର ବର୍ଗର ଗଢା ମଜୁରୀ ଉପରେ ଫ୍ଲାଟ ୫୦% ରିହାତି ପ୍ରଦାନ କରାଯାଉଛି। ଆମେ ଅକ୍ଷୟ ତୃତୀୟା ପାଳନ କରିବା ସମୟରେ ଆମେ ଆମର ବହୁମୂଲ୍ୟ ଗ୍ରାହକଙ୍କୁ ଏହି ଅନନ୍ୟ ଅଫର୍ ଯୋଗାଇଦେଇ ଖୁସି ଅନୁଭବ କରୁଛୁ। ଏଥିସହିତ ଆମେ ଆନନ୍ଦର ସହିତ ଜୀବନବ୍ୟାପୀ ବାୟ ବ୍ୟାକ ଗ୍ୟାରେଣ୍ଟି ପ୍ରଦାନ କରୁଛୁ। ଖିମଜୀ ଜୁଏଲର୍ସ ଅତୁଳନୀୟ ଗୁଣବତ୍ତା ଓ ସେବା ଯୋଗାଣ ନିମନ୍ତେ ନିଜର ପ୍ରତିବଦ୍ଧତା ପାଇଁ ସେହି ମହାନ ହୃଦୟଗୁଡିକରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଯାହା ଓଡ଼ିଶାରେ ଏହାର ସର୍ବାଧିକ ବିଶ୍ୱସନୀୟ ଜୁଏଲର ମାନ୍ୟତାକୁ ସୁଦୃଢ କରିଛି। ଖିମଜୀ ଜୁଏଲର୍ସ ସମ୍ପର୍କରେ: ଖିମଜୀ ଜୁଏଲର୍ସ ଏକ ୮୯ ବର୍ଷର ପୁରାତନ ଜୁଏଲାରୀ ବ୍ରାଣ୍ଡ୍ ଏବଂ ଏହାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ଅବସ୍ଥିତ। ଏହି ବ୍ରାଣ୍ଡର ରାଜ୍ୟରେ ୯ଟି ଷ୍ଟୋର ରହିଛି ଏବଂ ଏହା ଓଡ଼ିଶାରେ ସର୍ବାଧିକ ବିଶ୍ୱସନୀୟ ଜୁଏଲର ଭାବରେ ସୁପରିଚିତ।

# ଚୀନ ଉପରେ ଆମେରିକାର କଟକଣା : ଭାରତୀୟ ଖେଳନା ଶିଳ୍ପ ଲାଗି ବଡ଼ ସୁଯୋଗ

**ନୂଆଦିଲ୍ଲୀ,(ହି.ସ):** ଚୀନର ବିଭିନ୍ନ ସାମଗ୍ରୀ ଉପରେ ଆମେରିକା ବୃହତ ହାରରେ ଟାରିଫ୍ ଲଗାଇଛି। ଫଳରେ ଆମେରିକାରେ ଖାଉଟି ମାନେ ବିକଳ୍ପ ସନ୍ଧାନରେ ରହିଛନ୍ତି। ଚୀନ ଉପରୁ ନିର୍ଭରତା କମାଇବା ଉପରେ ଏବେ ଫୋକସ ରହିଛି। ଏଭଳି ସ୍ଥିତିରେ ଭାରତୀୟ ଖେଳନା ଶିଳ୍ପ ଲାଗି ବଡ଼ ସୁଯୋଗ ରହିଛି। ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାକୁ ଭାରତୀୟ କମ୍ପାନୀ ଗୁଡ଼ିକ ଚାହୁଁନ ଥିବା ଜଣାପଡିଛି। ଟଏ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ଅଜୟ ଅଗ୍ରୱାଲ କହିଛନ୍ତି, ଖେଳନା ଲାଗି ଆମେରିକା ଏକ ବଡ଼ ବଜାର। ଚୀନ ଉପରେ ଅଧିକ ଟାରିଫ ଏବଂ ଭାରତ ଉପରେ ଅପେକ୍ଷାକୃତ ନିମ୍ନ ଟାରିଫ ଯୋଗୁ ଭାରତୀୟ ଶିଳ୍ପ ଏହା ଦ୍ୱାରା ଲାଭବାନ ହେବେ। ଏବେ ୨୦ ଭାରତୀୟ ପ୍ରମୁଖ କମ୍ପାନୀ ଆମେରିକାକୁ ଖେଳନା ରପ୍ତାନି କରୁଛନ୍ତି। ଗତ ମାସରୁ ଆମେରିକାରୁ ଅଧିକ ଅର୍ଡର ଆସୁଛି। ଆମେରିକା ବଜାରକୁ ଖାପ ଖୁଆଇବା ଭଳି ଖେଳନା ପ୍ରସ୍ତୁତି ଉପରେ କମ୍ପାନୀ ଗୁଡ଼ିକ ଏବେ ଧ୍ୟାନ କେନ୍ଦ୍ରୀତ କରୁଛନ୍ତି। ଆମେରିକା ବଜାରର କଡ଼ା ଅନୁପାଳନ ଏବଂ ହ୍ୱାଇଟ ଲେବଲିଂ ଭଳି ଦିଗ ଗୁଡ଼ିକ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଜିଏମ୍ଆଇ ରିସର୍ଚ୍ଚ ମୁତାବକ, ୨୦୨୪ରେ ଆମେରିକାର ଖେଳନା ବଜାର ୪୨ ବିଲିୟନ ଡଲାର ରହିଛି। ଏହା ୨୦୩୨ ସୁଦ୍ଧା ୫୬.୯ ବିଲିୟନ ଡଲାରକୁ ବୃଦ୍ଧି ହେବାର ସମ୍ଭାବନା ରହିଛି। ୨୦୨୫ରୁ ୨୦୨୩ ମଧ୍ୟରେ ଏହି ବଜାର ୩.୬%ରୁ ଉର୍ଦ୍ଧ୍ୱର ଅଭିବୃଦ୍ଧି କରିବ। ଏବେ ଶିକ୍ଷା ଏବଂ ଭାବ ବିନିମୟ କରିପାରୁଥିବା ଖେଳନା ଗୁଡ଼ିକ ଚାହିଦା ବେଶ ବଢ଼ିଛି। ଅନ୍ୟ ଦେଶ ତୁଳନାରେ ଭାରତ ଉପରେ କମ୍ ଟାରିଫ ରହିଲେ ଭାରତୀୟ ଶିଳ୍ପ ଗୁଡ଼ିକ ଆମେରିକାକୁ ଅଧିକ ମାତ୍ରାରେ ଖେଳନା ରପ୍ତାନି କରିବାକୁ ସକ୍ଷମ ହେବେ। ଏ କ୍ଷେତ୍ରରେ ରହିଥିବା ସମ୍ଭାବନାକୁ ପରଖିବା ଲାଗି ଅଂଶୀଦାରଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଶୀଘ୍ର ଗ୍ରହଣ କରାଯିବ। ଏବେ ବିଶ୍ୱ ଖେଳନା ବଜାରରେ ଭାରତର ଅଂଶ ମାତ୍ର ୧%ରୁ କମ୍ ରହିଛି। ସରକାରଙ୍କ ପ୍ରୋତ୍ସାହନ ରହିଲେ ଏହି କ୍ଷେତ୍ର ଆହୁରି ଅଗ୍ରଗତି କରିବ ବୋଲି ଅନୁମାନ କରାଯାଇଛି। ତେବେ ଭାରତୀୟ ଶିଳ୍ପକୁ ଦେଖିଲେ ଏହା ନିରନ୍ତର ଭିତ୍ତିରେ ଅଭିବୃଦ୍ଧି କରୁଛି। ଟେକ୍ନୋଲୋଜିରେ ଅଗ୍ରଗତି ସହ ବିଶ୍ୱ ବାଣିଜ୍ୟିକ ସ୍ଥିତି ଆହ୍ୱାନପୂର୍ଣ୍ଣ ହୋଇଥିବାରୁ ଏ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ସରକାର ଯୋଜନା ରଖିଛନ୍ତି। ୨୦୨୪ରେ ଭାରତୀୟ ଖେଳନା ଶିଳ୍ପ ୧.୯ ବିଲିୟନ ଡଲାରକୁ ବଢ଼ିଛି। ଏହା ୧୦.୪% ହାରରେ ବୃଦ୍ଧି ହେଉଛି। ୨୦୩୩ ବେଳକୁ ଏହି ଶିଳ୍ପ ୪.୭ ବିଲିୟନ ସ୍ତର ଛୁଇଁବ ବୋଲି ଆକଳନ କରାଯାଇଛି। ଏବେ ସରକାର ଖେଳନା ଶିଳ୍ପ ଲାଗି ନ୍ୟାସନାଲ ଆକ୍ସନ ପ୍ଲାନ ଆଣିଛନ୍ତି। ଏଥିରେ ଦେଶର ଖେଳନା ଶିଳ୍ପକୁ ପ୍ରୋତ୍ସାହନ, ଦକ୍ଷତା ବିକାଶ ଏବଂ ଗୁଣବତ୍ତା ବୃଦ୍ଧି ଉପରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଗତ ୫ ବର୍ଷରେ ରପ୍ତାନୀ ୪୦% ବୃଦ୍ଧି ହୋଇଥିବା ବେଳେ ଆମଦାନି ନିର୍ଭରତା ୭୯% କମିଛି। ଆମେରିକା ଭଳି ଚାହିଦା ଥିବା ବଜାରକୁ ରପ୍ତାନୀ ଲାଗି ଦେଶର ୪୦ କମ୍ପାନୀ ପ୍ରସ୍ତୁତି କରୁଛନ୍ତି। ଚିରାଚରିତ ଖେଳନା ପ୍ରସ୍ତୁତି ପରିବର୍ତ୍ତେ ଭାରତୀୟ କମ୍ପାନୀ ଗୁଡ଼ିକ ଏବେ ଗ୍ଲୋବାଲ ଟେକ୍ନୋଲୋଜି ଫାର୍ମ ସହ ଚୁକ୍ତି କରୁଛନ୍ତି। ଏହା ଦ୍ୱାରା ସ୍ମାର୍ଟ ଖେଳନା ପ୍ରସ୍ତୁତିକୁ ଫୋକସ କରାଯାଇଛି। ଏସବୁ ଖେଳନାରେ ଅଗମେଣ୍ଟେଡ ରିୟଲିଟି, ଆପ୍ ଭିତ୍ତିକ ଇଣ୍ଟରାକ୍ସନ ଏବଂ ଏଆଇ ପାୱାର ଷ୍ଟୋରୀ ଟେଲିଂ ଭଳି ଦିଗ ଗୁଡ଼ିକୁ ପ୍ରାଥମିକତା ମିଳୁଛି।



ଡୁମାଣୀ ଖବର

## ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

# ଯବାନଙ୍କ ଗୁଳିରେ ଟଳିଲେ ୮ ନକ୍ସଲ

**ବୋକାରୋ,(ହି.ସ):** ଝାଡ଼ଖଣ୍ଡ ବୋକାରୋ ଜିଲ୍ଲାରେ ବଡ଼ ଧରଣର ଏନକାଉଣ୍ଟର। ଯବାନଙ୍କ ଗୁଳିରେ ଟଳିଲେ ୮ ନକ୍ସଲ। ଲାଲପାନିଆ ଅଞ୍ଚଳ ଲୁଗୁ ପାହାଡ଼ରେ ନକ୍ସଲ-ଯବାନ ମୁହାଁମୁହିଁ ହୋଇଛନ୍ତି। ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।



ନକ୍ସଲ ଏବଂ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ସୂଚନାନୁଯାୟୀ, ସୋମବାର ସକାଳେ ଝାଡ଼ଖଣ୍ଡ ଲାଲପାନିଆ ଅଞ୍ଚଳ ଲୁଗୁ ପାହାଡ଼ରେ ସିଆରପିଏଫର ସ୍ୱତନ୍ତ୍ର ଜଙ୍ଗଲ ଯୁଦ୍ଧ ୟୁନିଟର କୋବ୍ରା କମାଣ୍ଡର ଏବଂ ଝାଡ଼ଖଣ୍ଡ ପୋଲିସ ମିଳିତ ଭାବରେ କମ୍ବିଂ ଅପରେସନ ଚଳାଇଥିଲେ। ଏହି ସମୟରେ ନକ୍ସଲମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ଏହି ଏନକାଉଣ୍ଟରେ ୮ ଜଣ ନକ୍ସଲ ନିପାତ ହୋଇଛନ୍ତି। ନିହତ ନକ୍ସଲମାନଙ୍କ ମଧ୍ୟରୁ ଜଣଙ୍କ ଉପରେ ୧ କୋଟି ଟଙ୍କାର ପୁରସ୍କାର ଥିଲା। ଘଟଣାସ୍ଥଳରୁ ଏକେ ସିରିଜ୍ ରାଇଫଲ୍, ତିନୋଟି ଆଇଏନ୍ଏସ୍ଏଏସ୍ ରାଇଫଲ୍, ଗୋଟିଏ ସେଲ୍ଫ-ଲୋଡିଂ ରାଇଫଲ୍ (ଏସ୍ଏଲ୍ଆର୍), ଆଠଟି ଦେଶୀ ନିର୍ମିତ ବନ୍ଧୁକ ଏବଂ ଗୋଟିଏ ପିସ୍ତଲ ଜବତ ହୋଇଛି। ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶରୁ ନକ୍ସଲବାଦକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଅଭିଯାନ ଆରମ୍ଭ କରିଛନ୍ତି। ଏଥିପାଇଁ ନକ୍ସଲ ପ୍ରବଣ ରାଜ୍ୟ ଗୁଡ଼ିକରେ ସୁରକ୍ଷା ବାହିନୀ ଅପରେସନ ଜୋରଦାର୍ କରିଛି। ଏହି କ୍ରମରେ ପଡ଼ୋଶୀ ଛତିଶଗଡ଼ରେ ଚଳିତ ବର୍ଷ ୧୪୦ରୁ ଅଧିକ ନକ୍ସଲ ନିହତ ହୋଇଛନ୍ତି।

# ଜାତୀୟ ସ୍ତରରେ ଚମକିବେ ତୃଣମୂଳ ସ୍ତରର ପ୍ରତିଭା

## ୱାମ୍ ଫାଇନାଲରେ ଅଂଶଗ୍ରହଣ କରିବେ ଭାରତର ୧୧ଟି ସହରରୁ ବଛା ହୋଇଥିବା ପ୍ରତିଯୋଗୀ

**ନୂଆଦିଲ୍ଲୀ, (ପିଆଇବି):** ୱେଭ୍ସ ଆନିମେ ଏବଂ ମାଙ୍ଗା ପ୍ରତିଯୋଗିତା (ୱାମ)ର ଜାତୀୟସ୍ତରର ଫାଇନାଲରେ ଅଂଶଗ୍ରହଣ କରିବା ଲାଗି ଭାରତର ୧୧ଟି ସହରରୁ ଚୂଡ଼ାନ୍ତ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଗତ କିଛି ମାସ ଧରି ଆଞ୍ଚଳିକ ସ୍ତରରେ ଆୟୋଜିତ ହୋଇଥିବା ଏକାଧିକ ପ୍ରତିଯୋଗିତାରେ ହଜାର ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଫାଇନାଲିଷ୍ଟ୍ ମାନଙ୍କୁ ଚୟନ କରାଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାର ଫାଇନାଲ ୱେଭ୍ସ ୨୦୨୫ ଅବସରରେ ଆୟୋଜନ କରାଯିବ। ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ ବା ୱେଭ୍ସ ଆସନ୍ତା ମଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ହେବ। ଭାରତରେ ପ୍ରଥମ ଥର ପାଇଁ ଏଭଳି ଏକ ସମ୍ମିଳନୀ ଆୟୋଜନ କରାଯାଉଛି। ମିଡିଆ ଆଣ୍ଡ ଏଣ୍ଟରଟେନମେଣ୍ଟ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏମଇଏଆଇ) ଦ୍ୱାରା ୱାମ୍ ଆୟୋଜନ କରାଯାଉଥିବା ବେଳେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏହାକୁ ୱେଭ୍ସ ଅଧୀନରେ ସମର୍ଥନ ଯୋଗାଇ ଦେଉଛି। ୱେଭ୍ସ ହେଉଛି ଏଭିଜିସି-ଏକ୍ସଆର କ୍ଷେତ୍ର-ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ, କମିକ୍ସ ଏବଂ ଏକ୍ସଟେଣ୍ଡେଡ ରିଅଲିଟି ପାଇଁ ଭାରତର ସବୁଠାରୁ ବଡ଼ ମଞ୍ଚ। ୱେଭ୍ସର ଏକ ପ୍ରମୁଖ ଅଂଶବିଶେଷ ଭାବେ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜ (ସିଆଇସି) ଆୟୋଜନ କରାଯାଉଛି । ସିଆଇସିର ପ୍ରଥମ ସିଜନ୍ ୧ ଲକ୍ଷରୁ ଅଧିକ ପଞ୍ଜୀକରଣ ସହିତ ଇତିହାସ ରଚିଛି । ଏମାନଙ୍କ ମଧ୍ୟରେ ୧୧ଶହ ଅନ୍ତର୍ଜାତୀୟ ପ୍ରତିଯୋଗୀ ଅଛନ୍ତି। ବିସ୍ତୃତ ଚୟନ ପ୍ରକ୍ରିୟା ପରେ ୩୨ଟି ଅଭିନବ ପ୍ରତିଯୋଗିତାରେ ୭୫୦ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଛି । ସିଆଇସିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହେଉଛି ୱାମ୍। ଗତ ଏକ ଦଶନ୍ଧି ମଧ୍ୟରେ, ଆନିମେ ଏବଂ ମାଙ୍ଗା ଭାରତରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ପ୍ରଥମେ ଏହା ଏକ ସ୍ୱତନ୍ତ୍ର ରୁଚି ଭାବରେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ଏକ ପ୍ରମୁଖ ସାଂସ୍କୃତିକ ଧାରାରେ ପରିଣତ ହୋଇଛି । ଭାରତରେ ପ୍ରାୟ ୧୮୯ ନିୟୁତ ଆନିମେ ପ୍ରଶଂସକ ଅଛନ୍ତି, ଯାହାଫଳରେ ଆମ ଦେଶ ଚୀନ୍ ପରେ ଦ୍ୱିତୀୟ ବୃହତ୍ତମ ଆନିମେ ବଜାରରେ ପରିଣତ ହୋଇଛି। କେବଳ ଦର୍ଶକ ନୁହନ୍ତି ବଜାର ଆକାର ମଧ୍ୟ ବଢ଼ିଛି। ୨୦୨୩ରେ ଭାରତର ଆନିମେ ବଜାର ୧୬୪୨.୫ ନିୟୁତ ଡଲାର ଥିବା ବେଳେ ଏହା ୨୦୩୨ ସୁଦ୍ଧା ୫,୦୩୬ ନିୟୁତ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ମୌଳିକ ଆଇ.ପି.ଗୁଡ଼ିକର (ବୌଦ୍ଧିକ ସମ୍ପତ୍ତି) ବିକାଶ ଏବଂ ଉପସ୍ଥାପନ ପାଇଁ ଭାରତୀୟ ନିର୍ମାତାମାନଙ୍କୁ ତାଆଗତ ସୁଯୋଗ ପ୍ରଦାନ କରି ଏହି କ୍ରମବର୍ଦ୍ଧିଷ୍ଣୁ ସୃଜନଶୀଳ ଶକ୍ତିର ଉପଯୋଗ କରାଯାଇଥିଲା। ଏହା ମୌଳିକ, ସାଂସ୍କୃତିକ ମୂଳ ଥିବା ଆଇ.ପି.ଗୁଡ଼ିକୁ ପ୍ରୋତ୍ସାହିତ କରି ଭାରତର ଗଣମାଧ୍ୟମ ଉଦ୍ୟୋଗରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିଥାଏ। ବିଶ୍ୱସ୍ତରରେ ଆନିମେ ଏବଂ ଡିଜିଟାଲ ସାକ୍ଷରତାର ବୃଦ୍ଧି ସହିତ ୱାମ୍ ! ଛାତ୍ରଛାତ୍ରୀ ଏବଂ ପେସାଦାରମାନଙ୍କୁ ବିଚାର ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିଥାଏ। ଏହା ପିଚ୍ ପାଇଁ ପ୍ରସ୍ତୁତ ଆଇ.ପି. ଗୁଡ଼ିକର ବିକାଶ, ଶିଳ୍ପ ପରାମର୍ଶଦାତାଙ୍କ ପ୍ରବେଶ ଏବଂ ସରକାରଙ୍କ ସମର୍ଥନ ପାଇଁ ଏକ ସ୍ୱଷ୍ଟ ମାର୍ଗ ପ୍ରଦାନ କରିଥାଏ। ଏହାକୁ ଆହୁରି ଜୀବନ୍ତ କରିବା ଲାଗି ବିଭିନ୍ନ ସ୍ତରରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ପେସାଦାରଙ୍କୁ ନେଇ ମାଙ୍ଗା, ଆନିମେ, ୱେବଟୁନ୍, ଭଏସ ଆକ୍ଟିଂ, କସପ୍ଲେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଭୁବନେଶ୍ୱର ସମେତ ଗୌହାଟୀ, କୋଲକାତା, ବାରଣାସୀ, ଦିଲ୍ଲୀ, ମୁମ୍ବାଇ, ନାଗପୁର, ଅହମ୍ମଦାବାଦ, ହାଇଦ୍ରାବାଦ, ଚେନ୍ନାଇ ଓ ବେଙ୍ଗାଲୁରୁକୁ ମିଶାଇ ୧୧ଟି ସହରରେ ୱାମ୍ ପ୍ରତିଯୋଗିତା ଆୟୋଜନ କରାଯାଇ ଛାତ୍ରଛାତ୍ରୀ ଓ ପେସାଦାରବର୍ଗରେ ଫାଇନାଲିଷ୍ଟମାନଙ୍କୁ ଚୟନ କରାଯାଇଥିଲା। ଆନିମେସନ, କମିକ୍ସ, ମିଡିଆ ଓ ମନୋରଞ୍ଜନ କ୍ଷେତ୍ରର ଶିଳ୍ପ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ବିଜେତାମାନଙ୍କୁ ଚୟନ କରିଥିଲେ। ସ୍ୱରର ବିବିଧତା ଏବଂ କାହାଣୀ କହିବାର ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିବା ଉଚ୍ଚ ସମ୍ଭାବନାପୂର୍ଣ୍ଣ ପ୍ରତିଭାମାନଙ୍କୁ ବିଶେଷଜ୍ଞମାନେ ଚୟନ କରିଥିଲେ। ଆଞ୍ଚଳିକ ରାଉଣ୍ଡରେ ଭାରତର ସମୃଦ୍ଧ ଭାଷାଗତ ଓ କଳାତ୍ମକ ବିବିଧତା ଦେଖିବାକୁ ମିଳିଥିଲା ଏବଂ ସୃଜନଶୀଳ ପ୍ରତିଭାର କୌଣସି ସୀମା ନାହିଁ ବୋଲି ଏଥିରୁ ପ୍ରମାଣିତ ହୋଇଥିଲା। ଏହି ଦୃଢ଼ ମୂଳଦୁଆକୁ ଆଧାର କରି ଜାତୀୟ ସ୍ତରରେ ଫାଇନାଲ ଅନୁଷ୍ଠିତ ହେବ । ଏହା ପ୍ରତିଯୋଗୀମାନଙ୍କୁ ଶିଳ୍ପ ପାଇଁ ପ୍ରସ୍ତୁତ ପେସାଦାର ଭାବେ ବିକଶିତ କରିବ। ସେମାନେ ପ୍ରଯୋଜନା ଷ୍ଟୁଡିଓ ଆଗରେ ଲାଇଭ୍ ପିଚିଂ ବା ପ୍ରସ୍ତାବ ଉପସ୍ଥାପନ ଅଧୀବେଶନ, ନେଟୱର୍କିଂରେ ଅଂଶଗ୍ରହଣ କରିପାରିବେ ଏବଂ ଅନ୍ତର୍ଜାତୀୟ ଗଣମାଧ୍ୟମର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସମ୍ମୁଖରେ ସେମାନଙ୍କର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିବେ। ଚୂଡ଼ାନ୍ତ ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ସୃଜନଶୀଳ ନିର୍ମାତା ବା କ୍ରିଏଟରମାନେ ଏବେ ୱାମ ଅଭିମୁଖେ ଯିବେ। ୱେଭ୍ସ ୨୦୨୫ ଅବସରରେ ହେବାକୁ ଥିବା ଜାତୀୟ ସ୍ତରର ଫାଇନାଲରେ ସେମାନେ ଅନ୍ତର୍ଜାତୀୟ ବିଚାରକ ଓ ଦର୍ଶକଙ୍କ ଆଗରେ ନିଜର କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବେ। ଏଥିରେ ସଫଳ ହେଲେ ସେମାନଙ୍କୁ ଟୋକିଓରେ ଆନିମେ ଜାପାନ ୨୦୨୬ରେ ଭାଗ ନେବାର ସୁଯୋଗ ମିଳିବ।

# ଉତ୍ସର୍ଗ, ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ୫ ରେଳ କର୍ମଚାରୀ ସମ୍ମାନିତ



ଭୁବନେଶ୍ୱର,(ଡିକେ ନ୍ୟୁଜ): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପାଞ୍ଚ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଛନ୍ତି ଯାହା ଦ୍ୱାରା ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସମାରୋହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନ ଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅସାଧାରଣ ସେବା ପାଇଁ ସମ୍ମାନିତ ହୋଇଥିବା ଛଅ ଜଣ ରେଳ କର୍ମଚାରୀ ହେଉଛନ୍ତି – କାମାକ୍ଷାନଗରର ଟ୍ରେନ ପଏଣ୍ଟସମ୍ୟାନ ଶକ୍ତି ପ୍ରସାଦ ସାହୁ, ସମ୍ବଲପୁର ଗୋଡ଼ଭାଗାର ଟ୍ରକ ମେଣ୍ଟେନର ଦେବରାଜ ସୁନା, ଖୋର୍ଦ୍ଧା ରୋଡ଼ର ଗୁଡ଼ସ ଲୋକୋ ପାଇଲଟ ପୂର୍ଣଚନ୍ଦ୍ର ପଣ୍ଡା, ରାୟଗଡାର ସହାୟକ ଲୋକୋ ପାଇଲଟ ସୁରକତୁଲ୍ଲା ଶ୍ରୀଚରଣ ତେଜା, ଟିଟିଲାଗଡ଼ର ଟ୍ରାକ ମେଣ୍ଟେନର ପୂଜନ କୁମାର। ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସତର୍କତା ଏବଂ ଦ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ଯାହା ରେଳ ନେଟୱାର୍କର ସୁଗମ ଏବଂ ନିରାପଦ କାର୍ଯ୍ୟକାରିତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ସୁନିଶ୍ଚିତ କରିବାରେ ରେଳ କର୍ମଚାରୀଙ୍କ ସମର୍ପଣ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ରେଳ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତାକୁ ସ୍ୱୀକାର କରି, ଶ୍ରୀ ଫୁଙ୍କୱାଲ ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ, ରେଳ କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ ରେଳ କର୍ମଚାରୀଙ୍କ ଅଟଳ ପ୍ରୟାସ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଛି।

## ସୈନିକ ସ୍କୁଲ ଭୁବନେଶ୍ୱରର ପୁରସ୍କାର ବିତରଣ ସମାରୋହ

# ଛାତ୍ରଛାତ୍ରୀମାନେ ସେବା, କର୍ତ୍ତବ୍ୟ, ଜ୍ଞାନ ଏବଂ ସାହସ ଦ୍ୱାରା ପରିଚାଳିତ ହୋଇ ଦେଶର ସେବା କରିବା ନିମନ୍ତେ ସଂକଳ୍ପ ନିଅନ୍ତୁ : ରାଜ୍ୟପାଳ

ଭୁବନେଶ୍ୱର,(ଡିକେ ନ୍ୟୁଜ): ଛାତ୍ରଛାତ୍ରୀମାନେ ସେବା, କର୍ତ୍ତବ୍ୟ, ଜ୍ଞାନ ଏବଂ ସାହସ ଦ୍ୱାରା ପରିଚାଳିତ ହୋଇ ଦେଶର ସେବା କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି । ସୋମବାର ଅପରାହ୍ନରେ ସୈନିକ ସ୍କୁଲ ଭୁବନେଶ୍ୱରର ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବାର୍ଷିକ ପୁରସ୍କାର ବିତରଣ ସମାରୋହ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀ, ସେମାନଙ୍କୁ ଲାଳନ ପାଳନ କରିଥିବା ପିତାମାତା ଏବଂ ଆମ ଦେଶର ଭବିଷ୍ୟତ ଗଢୁଥିବା ସ୍କୁଲ ପାଇଁ ଏକ ଉତ୍ସବ, ସ୍ୱୀକୃତି ଓ ଗର୍ବର ଦିନ। ଶିକ୍ଷା, କ୍ରୀଡ଼ା, ସହ ପାଠ୍ୟକ୍ରମ କାର୍ଯ୍ୟକଳାପ ଏବଂ ଅନୁକରଣୀୟ ଶୃଙ୍ଖଳାରେ ସଫଳତା ପାଇଁ ସମ୍ମାନିତ / ପୁରସ୍କୃତ ହେଉଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହ ଏହା ସେମାନଙ୍କର ଭବିଷ୍ୟତ ଯାତ୍ରାରେ ମାଇଲଖୁଣ୍ଟି ହେଉ ଏବଂ ଆହୁରି ଅନେକ ସଫଳତା ପାଇଁ ପ୍ରେରଣା ଦେଉ ବୋଲି କାମନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ




କରିବାରେ ନିଷ୍ଠାପରତା ପାଇଁ ଅଧ୍ୟକ୍ଷ, ଅଧ୍ୟାପକ ଏବଂ କର୍ମଚାରୀଙ୍କର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଆନନ୍ଦରେ ଅଂଶୀଦାର ହେବା ପାଇଁ ଏକତ୍ରିତ ହୋଇଥିବା ପିତାମାତା, ସଂପର୍କୀୟ ଏବଂ ପୂର୍ବତନ ଛାତ୍ରଙ୍କ ଉପସ୍ଥିତି ବେଶ୍ ଉତ୍ସାହପ୍ରଦ ଏବଂ ସେମାନଙ୍କର ନିରନ୍ତର ପ୍ରୋତ୍ସାହନ, ସମର୍ଥନ ପ୍ରତ୍ୟେକ ଛାତ୍ରଙ୍କ ବିକାଶରେ ସବୁଠାରୁ ଦୃଢ଼ସ୍ତମ୍ଭ ଭାବେ କାର୍ଯ୍ୟକରିବ ବୋଲି ରାଜ୍ୟପାଳ କହିଥିଲେ। ସୈନିକ ସ୍କୁଲଗୁଡ଼ିକ ସଶସ୍ତ୍ର ବାହିନୀରେ କ୍ୟାରିୟର ପାଇଁ ଯୁବ ମନକୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କ ମଧ୍ୟରେ ଦେଶପ୍ରେମ, ଆତ୍ମ-ଅନୁଶାସନ ଏବଂ ନେତୃତ୍ୱର ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ସ୍ଥାପନ କରାଯାଇଥିଲା। ଦଶନ୍ଧି ଦଶନ୍ଧି ଧରି ଏହି ଅନୁଷ୍ଠାନ ଏହାର ଗୌରବମୟ ଇତିହାସ, ପରଂପରା, ଗର୍ବ ଏବଂ ଉତ୍କର୍ଷତା ସହିତ ସେହି ଦୃଷ୍ଟିକୋଣକୁ ବଜାୟ ରଖିଛି। ଏହି ଅନୁଷ୍ଠାନ ଅନେକ ପ୍ରତିଷ୍ଠିତ ଅଧିକାରୀ, ସରକାରୀ କର୍ମଚାରୀ, ବିଭିନ୍ନ ବୃତିଧାରୀ ଏବଂ ଦାୟିତ୍ୱବାନ ନାଗରିକଙ୍କୁ ସୃଷ୍ଟି କରିଛି, ଯେଉଁମାନେ ସ୍କୁଲ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି। ଆଜିର ବିଶ୍ୱ ଦ୍ରୁତଗତିରେ ପରିବର୍ତନ ହେବା ସହ ଜଟିଳ ହେଉଛି। ଏପରି ସମୟରେ ସୈନିକ ସ୍କୁଲ ପରି ଅନୁଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ କେବଳ ଜ୍ଞାନରେ ନୁହେଁ ବରଂ ସାହସ, ସ୍ୱଷ୍ଟତା ଏବଂ ଦୃଢ଼ ନୈତିକ ଦିଗ୍‌ଦର୍ଶନ ସହିତ ସଜ୍ଜିତ କରିଚାଲିବେ। ଶିକ୍ଷାଗତ ଶିକ୍ଷା ସହିତ ଶାରୀରିକ ସୁସ୍ଥତା ଏବଂ ନାଗରିକ ଚେତନା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଜଳବାୟୁ ପରିବର୍ତନ, ଡିଜିଟାଲ ଦାୟିତ୍ୱବୋଧ, ଜାତୀୟ ସୁରକ୍ଷା, ଲିଙ୍ଗଗତ ସମାନତା ଏବଂ ସାମାଜିକ ନ୍ୟାୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟପାଳ କହିବା ସହିତ ଯୁବ ସମୁଦାୟ କେବଳ ସଫଳତା ହାସଲକାରୀ ଭାବରେ ନୁହେଁ ବରଂ ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ପ୍ରତିବଦ୍ଧ ହେବାକୁ ତଥା ବଡ଼ ସ୍ୱପ୍ନ ଦେଖିବା, କଠିନ ପରିଶ୍ରମ କରିବା, ଦୃଢ଼ ରହିବା ଏବଂ ଉତ୍କର୍ଷତା ହାସଲ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ବକ୍ତବ୍ୟ ପ୍ରଦାନ କରିବା ସହିତ ସୈନିକ ସ୍କୁଲ ଭୁବନେଶ୍ୱରର ଗରିମା ତଥା ସଫଳତା ସଂପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ମେଜର ଜେନେରାଲ ସୁଧାକର ଜୀ ଭିଏସ୍‌ଏସ୍, ନିରଞ୍ଜନ ଖୁଣ୍ଟିଆ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସୈନିକ ସ୍କୁଲର ଅଧ୍ୟକ୍ଷ କର୍ଣ୍ଣେଲ ବାଲୁ ଭାରଥ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିବା ବେଳେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

# ସଦାଶିବ ତ୍ରିପାଠୀଙ୍କ ଭଳି ନିଷ୍କଳଙ୍କ ରାଜନେତା ବିରଳ

ଭୁବନେଶ୍ୱର,(ଡିକେ ନ୍ୟୁଜ): ଡଃ ସଦାଶିବ ତ୍ରିପାଠୀଙ୍କ ଭଳି ଜଣେ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ନିଷ୍କଳଙ୍କ ଓ ଆଦର୍ଶ ରାଜନେତା ଓ ସଫଳ ପ୍ରଶାସକ ବିରଳ ବୋଲି ସ୍ଥାନୀୟ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ଉତ୍ସବରେ ମୁଖ୍ୟମନ୍ତ୍ରୀ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡ଼. ରବୀନ୍ଦ୍ର ନାରାୟଣ ବେହେରା, ଡଃ ସଦାଶିବ ତ୍ରିପାଠୀଙ୍କ ଅମ୍ଳାନ ଜୀବନାଦର୍ଶ ଓ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ ସବୁଠାରୁ ଲୋକପ୍ରିୟ, ନିଷ୍କଳଙ୍କ, ନିର୍ମଳ ବ୍ୟକ୍ତିତ୍ୱସଂପନ୍ନ ମୁଖ୍ୟମନ୍ତ୍ରୀ ରୂପେ ତାଙ୍କର ଭାବମୂର୍ତି ଓଡ଼ିଶାର ରାଜନୈତିକ ପରମ୍ପରାକୁ ଉଦ୍‌ଭାସିତ କରିଥିଲା। ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୬୫ ଫେବୃଆରୀ ୨୧ରୁ ୧୯୬୭ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଉଦ୍ୟମରେ ବ୍ରହ୍ମପୁର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇ ରାଜ୍ୟର ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆସି ପାରିଥିଲା। ଆଦିବାସୀମାନଙ୍କ ମଧ୍ୟରେ ସେ ଦେଶପ୍ରେମର ବହ୍ନି ପ୍ରଜ୍ୱଳନ କରିଥିଲେ। ଜମିଦାରୀ ପ୍ରଥା, ଗୋତି ପ୍ରଥା, ଭୁଦାନ ଆନ୍ଦୋଳନର କର୍ଣ୍ଣଧାର ସାଜି ସେ




ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଭୂଦାନ କାର୍ଯ୍ୟକ୍ରମରେ ତାଙ୍କ ନିଷ୍ଠାପରତା ଉଲ୍ଲେଖନୀୟ ବୋଲି କହିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଡ. ବେହେରା ମତବ୍ୟକ୍ତ କରିଥିଲେ। ଓଡ଼ିଶାର ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଲେ ଯେ ୧୯୧୦ ମସିହା ଆଜିର ଦିନରେ ସେ ନବରଙ୍ଗପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରାରମ୍ଭିକ ଜୀବନ ଶିକ୍ଷକତାରୁ ଆରମ୍ଭ ହୋଇଥିଲା। ଶିକ୍ଷକ ଯେବେ ଶାସନର ହାତ ଧରେ ସେତେବେଳେ ସମାଜରେ ଏକ ପରିବର୍ତ୍ତନ ଆସେ । ଇଂରେଜ ଶାସନର ବିରୋଧ କରି ମହାତ୍ମା ଗାନ୍ଧୀଙ୍କ ଓ ଗୋପବନ୍ଧୁଙ୍କ ଆହ୍ୱାନ କ୍ରମେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ରାଜ୍ୟ ମନ୍ତ୍ରୀମଣ୍ଡଳରେ ସେ ବିଭିନ୍ନ ସମୟରେ ରାଜସ୍ୱ, ଅବକାରୀ, ସମବାୟ ବିଭାଗର ମନ୍ତ୍ରୀ ଭାବେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଜମିଦାରୀ ଉଚ୍ଛେଦ ଏବଂ ଓଡ଼ିଶା ଭୂସଂସ୍କାର ଆଇନ ତାଙ୍କ ରାଜସ୍ୱ ମନ୍ତ୍ରୀ ସମୟର ଏକ ଐତିହାସିକ ପଦକ୍ଷେପ। ଭୂସଂସ୍କାର ଆଇନ ପ୍ରଣୟନବେଳେ ନିଜ ପୈତୃକ ବଳକା ଜମିକୁ ଭୂମିହୀନଙ୍କ ମଧ୍ୟରେ ପ୍ରଥମେ ବାଣ୍ଟି ସେ ଉଦାହରଣ ସୃଷ୍ଟି କରିଥିଲେ । ଶିକ୍ଷା, ଭିତ୍ତିଭୂମି, ଶିଳ୍ପ ବିକାଶ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ଓଡ଼ିଶାବାସୀଙ୍କ ହୃଦୟରେ ଚିର ଅମର ହୋଇ ରହିବେ। ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍ ର ଉପଦେଷ୍ଟା ଗୋଲକ ପ୍ରସାଦ ମହାପାତ୍ର ସମ୍ମାନନୀୟ ଅତିଥି ରୂପେ ଯୋଗଦେଇ କହିଲେ ଯେ ସେବା ମନୋବୃତ୍ତି ନେଇ ଉତ୍ସର୍ଗୀକୃତ ଭାବରେ ନିଜର ସୁଖସୁବିଧାକୁ ଜଳାଞ୍ଜଳି ଦେଇ ରାଜନୀତି କରିବାକୁ ଗୋଡ଼ କାଢ଼ିଥିବା ଡଃ ସଦାଶିବ ତ୍ରିପାଠୀ ଓଡ଼ିଶାର ରାଜନୈତିକ ଇତିହାସରେ ଏକ ଗୌରବୋଜ୍ଜ୍ୱଳ ପରମ୍ପରା ସୃଷ୍ଟି କରିଛନ୍ତି । ଆଜିର ଦିବସରେ ଆମେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେଲେ ଏହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡା ସ୍ୱାଗତ ଭାଷଣ ପ୍ରଦାନ ଅବସରରେ କହିଲେ ଯେ ଡଃ ସଦାଶିବ ତ୍ରିପାଠୀ ଜଣେ ନୀତିନିଷ୍ଠ ରାଜନୀତିଜ୍ଞ ଭାବେ ସୁପରିଚିତ ଥିଲେ । ଓଡ଼ିଶାର ରାଜନୀତି କ୍ଷେତ୍ରରେ ଡଃ ସଦାଶିବ ତ୍ରିପାଠୀଙ୍କ ନିଃସ୍ୱାର୍ଥପର ସେବାର ପଟାନ୍ତର ନାହିଁ । ପ୍ରାରମ୍ଭରେ ଅତିଥିମାନେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶବରୀ ସାଂସ୍କୃତିକ ସଂସଦର ଉପ ସଭାପତି ଇଂ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତରଙ୍ଗ ଅନୁଷ୍ଠାନର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ, ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସକାଳେ କ୍ୟାପିଟାଲ ହସ୍ପିଟାଲ ଛକ ଭୁବନେଶ୍ୱର ସ୍ଥିତ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ବିଭାଗର ଉପ ନିର୍ଦ୍ଦେଶିକା ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ଶବରୀ ସାଂସ୍କୃତିକ ସଂସଦର ଭୁବନେଶ୍ୱର କର୍ମକର୍ତ୍ତା, ଉତ୍କଳ ସମ୍ମିଳନୀର କର୍ମକର୍ତା ତଥା ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା।

## କିଟ୍‌ରେ ପଢୁଥିବା କିସ୍‌ର ୧ଶହ ଛାତ୍ରଛାତ୍ରୀ ପାଇଲେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ



ଭୁବନେଶ୍ୱର,(ଡିକେ ନ୍ୟୁଜ): କିଟ୍‌ରେ ପଢୁଥିବା କିସ୍‌ର ୧ଶହ ଛାତ୍ରଛାତ୍ରୀ ଇତି ମଧ୍ୟରେ ବିଭିନ୍ନ କମ୍ପାନୀରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଛନ୍ତି। କିଟ୍‌ରେ ଆଇଟିଆଇ, ପଲିଟେକ୍‌ନିକ୍, ବିଟେକ୍, ରୁରାଲ ମ୍ୟାନେଜମେଣ୍ଟ ଆଦି ପାଠ୍ୟକ୍ରମରେ ପାଠ ପଢୁଥିବା କିସ୍‌ର ଏହି ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇବାରେ ସଫଳ ହୋଇଛନ୍ତି। ଏହି ପିଲାଙ୍କ ମଧ୍ୟରୁ କିସ୍‌ର ଶକୁନ୍ତଳା ସୋରେନ୍ ଜିଇ ହେଲ୍‌ଥକେୟାର କମ୍ପାନୀରେ ସର୍ବାଧିକ ୯.୫ ଲକ୍ଷ ଟଙ୍କା ବାର୍ଷିକ ପ୍ୟାକେଜରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଛନ୍ତି। ଏଥିରେ କିସ୍ ଛାତ୍ରଛାତ୍ରୀମାନେ ସର୍ବନିମ୍ନ ୪ଲକ୍ଷ ଟଙ୍କା ପ୍ୟାକେଜରେ ନିଯୁକ୍ତି ପତ୍ର ପାଇଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ବ୍ୟତୀତ କିସ୍‌ର ଆଉ କିଛି ଛାତ୍ରଛାତ୍ରୀ ମଧ୍ୟ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ କିସ୍‌ର ପ୍ରାୟ ୨ଶହ ମେଧାବୀ ଛାତ୍ରଛାତ୍ରୀ କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ବିନାଦେୟରେ ବୈଷୟିକ ଉଚ୍ଚ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥାନ୍ତି। କିସ୍‌ର ସେହି ମେଧାବୀ ପିଲାମାନେ କିପରି ଭଲ ପାଠ ପଢ଼ି ଯୋଗ୍ୟତା ଅର୍ଜନ କରି ବିଭିନ୍ନ ଜାତୀୟ ଓ ବହୁଜାତିକ କମ୍ପାନୀରେ ନିଯୁକ୍ତି ପାଇବେ ସେଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିସ୍ କର୍ତ୍ତୃପକ୍ଷଙ୍କ ଜରିଆରେ ବ୍ୟାପକ ବନ୍ଦୋବସ୍ତ କରିଥାନ୍ତି। ଫଳରେ କିସ୍‌ର ଏହି ପିଲାମାନେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଥାନ୍ତି। ଏହି ସଫଳ ଛାତ୍ରଛାତ୍ରୀମାନେ ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶ୍ରୀ ସାମନ୍ତ କହିଲେ, ଏହି ଛାତ୍ରଛାତ୍ରୀମାନେ ସେମାନଙ୍କ ପରିବାରର ପ୍ରଥମ ଶିକ୍ଷାର୍ଥୀ ହୋଇଥିବା ବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି। କିସ୍‌ରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହ ନିଯୁକ୍ତି ମିଳୁଥିବାରୁ ସେମାନଙ୍କ ମଧ୍ୟରେ ନିରକ୍ଷରତା ହ୍ରାସ ପାଇବା ସହ ନିଯୁକ୍ତି ଦେବା ଦିଗରେ କିସ୍‌ର ଯେଉଁ ଲକ୍ଷ୍ୟ ରହିଛି ତାହା ପୂରଣ ହୋଇଛି। ସୂଚନାଯୋଗ୍ୟ, ସାମଗ୍ରିକ ଓ ଗୁଣାତ୍ମକ ଶିକ୍ଷା ପରେ କିସ୍ ଛାତ୍ରଛାତ୍ରୀଙ୍କ ହାତରେ ନିଯୁକ୍ତି ଦେଇ ଜଣେ ଗରିବ ଜନଜାତି ପିଲା ସମ୍ପୂର୍ଣ୍ଣ ସମାଧାନ କରୁଥିବାରୁ ଜନଜାତିଙ୍କ ମଧ୍ୟରେ କିସ୍ ବେଶ ଲୋକପ୍ରିୟ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରୌଦ୍ରତାପଜନିତ କାରଣରୁ ୪୯ ଅସୁସ୍ଥ

ଭୁବନେଶ୍ୱର,(ଡିକେ ନ୍ୟୁଜ): ରାଜ୍ୟରେ ପୁଣି ଥରେ ପାରଦ ବଢ଼ିଛି। ପ୍ରବଳ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ଲୋକମାନଙ୍କର ଅସୁସ୍ଥତା ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୪୯ ଜଣ ଲୋକ ରୌଦ୍ରତାପଜନିତ କାରଣରୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଥିରୁ ସମ୍ବଲପୁରରୁ ସର୍ବାଧିକ ୪୦ ଜଣ ରହିଛନ୍ତି। ସେହିପରି ଦେବଗଡ଼ରେ ୬ ଜଣ, ଖୋର୍ଦ୍ଧା, ମୟୂରଭଂଜ ଓ କେନ୍ଦୁଝରରେ ଜଣେ ଲେଖାଏଁ ଡାକ୍ତରଖାନାରେ ଭର୍ତି ହୋଇଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

# ରାଉରକେଲା-ବଣ୍ଡାମୁଣ୍ଡା ମଧ୍ୟରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ୫ ଟ୍ରେନ୍ ବାତିଲ

ଭୁବନେଶ୍ୱର,(ଡିକେ ନ୍ୟୁଜ): ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ରେଳ ମଣ୍ଡଳ ଏପ୍ରିଲ ୨୧ ରୁ ଏପ୍ରିଲ ୨୬, ୨୦୨୫ ପର୍ଯ୍ୟନ୍ତ ରାଉରକେଲା ଏବଂ ବଣ୍ଡାମୁଣ୍ଡା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହାତକୁ ନେଇଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ରାଉରକେଲା-ବଣ୍ଡାମୁଣ୍ଡା ରେଳ ସେକ୍ସନରେ ମଲ୍ଟି-ଟ୍ରାକିଂ ଲାଇନଗୁଡ଼ିକର କାର୍ଯ୍ୟକ୍ଷମର ଅଂଶ ଭାବରେ ଟ୍ରାକ୍ ସଂଯୋଗ ଏବଂ ନନ୍-ଇଣ୍ଟରଲକିଂ ପରିଚାଳନା ଅନ୍ତର୍ଭୁକ୍ତ । ଏହି ଅପଗ୍ରେଡଗୁଡ଼ିକ ଟ୍ରେନ ପରିଚାଳନାରେ ଉନ୍ନତି ଆଣିବା ସହ ଦୀର୍ଘକାଳୀନ ଭାବରେ ସୁରକ୍ଷିତ ଏବଂ ଅଧିକ ଦକ୍ଷ ରେଳ ସେବା ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ ।ଏହି ପ୍ରକଳ୍ପର ସୁଗମ କାର୍ଯ୍ୟାନ୍ୱୟନକୁ ସହଜ କରିବା ପାଇଁ, କିଛି ଟ୍ରେନ୍ ସେବାକୁ ଅସ୍ଥାୟୀ ଭାବରେ ବାତିଲ କିମ୍ବା ଆଂଶିକ ଭାବରେ ବାତିଲ କରାଯିବ। ୧୮୪୫୨ ପୁରୀ – ହଟିଆ ତପସ୍ୱିନି ଏକ୍ସପ୍ରେସ ୨୦, ୨୧, ୨୨, ୨୪ ଏବଂ ୨୫ ଏପ୍ରିଲ୍ ରେ ପୁରୀ ଠାରୁ ବାତିଲ୍ ରହିବ। ୧୮୪୫୧ ହଟିଆ – ପୁରୀ ତପସ୍ୱିନି ଏକ୍ସପ୍ରେସ ୨୧, ୨୨, ୨୩, ୨୫ ଏବଂ ୨୬ ଏପ୍ରିଲ୍ ରେ ହଟିଆ ଠାରୁ ବାତିଲ୍ ରହିବ। ସେହିପରି ୧୮୧୨୫ ରାଉରକେଲା – ପୁରୀ ଏକ୍ସପ୍ରେସ ୨୪ ଏବଂ ୨୫ ଏପ୍ରିଲରେ ରାଉରକେଲା ଠାରୁ ବାତିଲ୍ ରହିବ । ୧୮୧୨୬ ପୁରୀ – ରାଉରକେଲା ଏକ୍ସପ୍ରେସ ୨୫ ଏବଂ ୨୬ ଏପ୍ରିଲ୍‌ରେ ପୁରୀ ଠାରୁ ବାତିଲ୍ ରହିବ । ୧୮୧୧୮/୧୮୧୧୭ ଗୁଣୁପୁର – ରାଉରକେଲା – ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ ୨୪ ଏପ୍ରିଲରେ ଗୁଣୁପୁରରୁ ଏବଂ ୨୫ ଏପ୍ରିଲରେ ରାଉରକେଲାରୁ ବାତିଲ୍ ରହିବ। ଏହା ବ୍ୟତୀତ ୨୨୮୬୨/ ୧୨୮୭୨ କଣ୍ଟାବାଞ୍ଜୀ / ଟିଟିଲାଗଡ଼ – ହାଓଡ଼ା ଇସ୍ପାତ ଏକ୍ସପ୍ରେସ ଏପ୍ରିଲ ୨୧ ରୁ ୨୬ ତାରିଖ ପର୍ଯ୍ୟନ୍ତ କେବଳ କଣ୍ଟାବାଞ୍ଜୀ / ଟିଟିଲାଗଡ଼ ଓ ଝାରସୁଗୁଡ଼ା ମଧ୍ୟରେ ଚଳାଚଳ କରିବ । ୨୨୮୬୧/୧୨୮୭୧ ହାଓଡ଼ା – କଣ୍ଟାବାଞ୍ଜୀ / ଟିଟିଲାଗଡ଼ ଇସ୍ପାତ ଏକ୍ସପ୍ରେସ କେବଳ ହାଓଡ଼ା ଓ ଟାଟାନଗର ମଧ୍ୟରେ ଏହି ସମୟରେ ଚଳାଚଳ କରିବାକୁ ଥିବାବେଳେ ଉଭୟ ପାର୍ଶ୍ୱରୁ ଝାରସୁଗୁଡା ଓ ଟାଟାନଗର ମଧ୍ୟରେ ବାତିଲ ରହିବ । ୧୫୦୨୮/ ୧୫୦୨୭ ସମ୍ବଲପୁର-ଗୋରଖପୁର-ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ୍ ଗୋରଖପୁର ଠାରୁ ଏପ୍ରିଲ୍ ୨୧ ଏବଂ ୨୪ ରେ ହଟିଆ ଓ ସମ୍ବଲପୁର ମଧ୍ୟରେ ବାତିଲ ରାହିବାକୁ ଥିବାବେଳେ ସମ୍ବଲପୁର ଠାରୁ ୨୩ ଏବଂ ୨୬ ଏପ୍ରିଲ, ୨୦୨୫ ରେ ଛାଡିବାକୁ ଟ୍ରେନ ସମ୍ବଲପୁର ଓ ହଟିଆ ମଧ୍ୟରେ ବାତିଲ ରହିବ । ୨୦୮୩୫/୨୦୮୩୬ ରାଉରକେଲା-ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ୨୫ ଏପ୍ରିଲ୍, ୨୦୨୫ରେ ଝାରସୁଗୁଡା ଓ ରାଉରକେଲା ମଧ୍ୟରେ ବାତିଲ ରହିବ । ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ଟ୍ରେନ୍ ସମୟସୂଚୀ ଯାଞ୍ଚ କରି ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରନ୍ତୁ । ରେଳବାଇ ସାମୟିକ ଅସୁବିଧା ପାଇଁ ଦୁଃଖ ପ୍ରକାଶ କରୁଛି ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିର ସମୟରେ ଜନସାଧାରଣଙ୍କଠାରୁ ସହଯୋଗ ଚାହିଁଛି ।

# ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଝାରସୁଗୁଡାରେ ଆନ୍ତଃରାଜ୍ୟ ୧୭ ବର୍ଷରୁ କମ୍ ବାଳିକା ୫-ଏ ସାଇଡ୍ ହକି ଲିଗ୍‌କୁ ସମର୍ଥନ

ଭୁବନେଶ୍ୱର/ଝାରସୁଗୁଡା,(ଡିକେ ନ୍ୟୁଜ): ୨୧ ଏପ୍ରିଲ୍ ୨୦୨୫: ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଜିଲ୍ଲା ହକି ଆସୋସିଏସନ୍, ଝାରସୁଗୁଡା ସହିତ ମିଳିତ ଭାବରେ ୧୮ ରୁ ୨୦ ଏପ୍ରିଲ୍ ୨୦୨୫ ପର୍ଯ୍ୟନ୍ତ ଆନ୍ତଃରାଜ୍ୟ ୫-ଏ ସାଇଡ୍ ବାଳିକା ୧୭ ବର୍ଷରୁ କମ୍ ହକି ଲିଗ୍ ଆୟୋଜନ କରିଥିଲା। ଝାରସୁଗୁଡା ହକି ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ତିନି ଦିନିଆ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା, ବିହାର ଏବଂ ଛତିଶଗଡ଼ର ଦଳଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଯୁବ ହକି ପ୍ରତିଭାଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସୁନ୍ଦରଗଡ଼ ଛାତ୍ରାବାସ ସମଗ୍ର ଲିଗରେ ଅସାଧାରଣ ଦକ୍ଷତା ଏବଂ ଦଳଗତ କାର୍ଯ୍ୟ ପ୍ରଦର୍ଶନ କରି ଚାମ୍ପିଅନସିପ୍ ଟାଇଟଲ୍ ହାସଲ କରିବା ସହିତ ଟୁର୍ଣ୍ଣାମେଣ୍ଟଟି ଏକ ଉଚ୍ଚମାନର ଲକ୍ଷ୍ୟରେ ଶେଷ ହୋଇଥିଲା। ସାଇ ସୁନ୍ଦରଗଡ଼ ଫାଇନାଲରେ ଏକ ସାହସିକ ଲଢ଼େଇ କରି ରନର୍ସଅପ୍ ସ୍ଥାନ ହାସଲ କରିଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, "ବେଦାନ୍ତରେ, ଆମେ ଆମ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ଗଭୀର ଭାବରେ ପ୍ରତିବଦ୍ଧ। ଆତ୍ମବିଶ୍ୱାସୀ ଏବଂ ଶୃଙ୍ଖଳିତ ଯୁବପିଢ଼ିଙ୍କୁ ଗଠନ କରିବାରେ



କ୍ରୀଡା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଭିନ୍ନ ସାମାଜିକ ପ୍ରଭାବ ପ୍ରକଳ୍ପ ମାଧ୍ୟମରେ, ଆମେ ତୃଣମୂଳ ସ୍ତରରେ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରୁଛୁ। ପରବର୍ତ୍ତୀ ପିଢ଼ିର ଚାମ୍ପିଅନମାନଙ୍କୁ ପ୍ରେରଣା ଦେଉଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ଆମକୁ ଅତ୍ୟନ୍ତ ଗର୍ବର ବିଷୟ। ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, "ବେଦାନ୍ତ ନିରନ୍ତର ଭାବରେ ସମ୍ପ୍ରଦାୟ ବିକାଶ ପ୍ରତି ଏହାର ଉତ୍ସର୍ଗୀକୃତତାର ଉଦାହରଣ ଦେଇଛି। ଝାରସୁଗୁଡାରେ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନର ପ୍ରଶାସନିକ ଭବନ ନିର୍ମାଣ ପାଇଁ ସେମାନଙ୍କର ଉଦାର ଅବଦାନ, ଏହି ହକି ଲିଗ୍ ଭଳି ତୃଣମୂଳ ସ୍ତରରେ ପଦକ୍ଷେପଗୁଡ଼ିକୁ ନିରନ୍ତର ସମର୍ଥନ ସହିତ, ପ୍ରକୃତରେ ପ୍ରଶଂସନୀୟ। ଏହି ପ୍ରୟାସଗୁଡ଼ିକ ଆମ ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ରାଜ୍ୟ ସାରା ଏକ ସ୍ପନ୍ଦନଶୀଳ କ୍ରୀଡା ସଂସ୍କୃତିକୁ ପୋଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସମାପନୀ ଉତ୍ସବରେ ଯୋଗ ଦେଇଥିବା ଝାରସୁଗୁଡାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠି କହିଛନ୍ତି, ଝାରସୁଗୁଡା କ୍ରୀଡା ପ୍ରତିଭାର କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି, ଏବଂ ଏହିପରି ଟୁର୍ଣ୍ଣାମେଣ୍ଟଗୁଡ଼ିକ ଆମ ଯୁବପିଢ଼ିଙ୍କୁ ଚମକ ଦେବା ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପ୍ରଦାନ କରେ। ମୁଁ ବେଦାନ୍ତ ଆଲୁମିନିୟମ ଏବଂ ଜିଲ୍ଲା ହକି ଆସୋସିଏସନକୁ ତୃଣମୂଳ ସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ଯୁବତୀମାନଙ୍କୁ ନିର୍ଭୀକ ଭାବରେ ସେମାନଙ୍କର ସ୍ୱପ୍ନ ପୂରଣ କରିବାକୁ ଉତ୍ସାହିତ କରିବା ପାଇଁ ପ୍ରଶଂସା କରୁଛି।" ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ଉପସ୍ଥିତିରେ ବିଜୟୀ ଦଳ, ଉତ୍କୃଷ୍ଟ ପ୍ରଦର୍ଶନକାରୀ ଏବଂ ପ୍ରଶିକ୍ଷକ ଏବଂ ଆୟୋଜକଙ୍କ ସାମୂହିକ ପ୍ରୟାସକୁ ସମ୍ମାନିତ କରିବା ପାଇଁ ଏକ ସ୍ପନ୍ଦନଶୀଳ ପୁରସ୍କାର ପ୍ରଦାନ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୦୨୫ ରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରେ। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଣ୍ଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରେ।

## ସମ୍ପାଦକୀୟ

### ଆରଟିଆଇ ଆଇନରେ ଅନାବଶ୍ୟକ ସଂଶୋଧନ

ଏଥିରେ ଦ୍ୱିମତ ନାହିଁ ଯେ, ଗୋପନୀୟତା ଅଧିକାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅପ୍ରତ୍ୟାଶିତ ଅଧିକାର ପ୍ରବେଶକାରୀଙ୍କ ଠାରୁ ସୁରକ୍ଷା ଦେଇଥିବାବେଳେ ତଥ୍ୟ ଜାଣିବାର ଅଧିକାର ପ୍ରବଶକାରୀଙ୍କ ଠାରୁ ସୁରକ୍ଷା ଦେଇଥିବାବେଳେ ତଥ୍ୟ ଜାଣିବାର ଅଧିକାର ଜନସାଧାରଣଙ୍କୁ ସରକାରୀ ଅଧିକାରୀଙ୍କୁ ଉତରଦାୟୀ କରିଥାଏ। ଉଭୟ ଅଧିକାର ହେଉଛନ୍ତି ଗଣତନ୍ତ୍ରର ମୌଳିକ ଅଧିକାର। ଏହା ସତ୍ୱେ ଏବେ ଉଭୟ ସ୍ତମ୍ଭ ପରସ୍ପର ବିରୁଦ୍ଧରେ ସମ୍ମୁଖୀନ ହୋଇପାରନ୍ତି। ଉଦାହରଣ ସ୍ୱରୁପ ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା (ଡିପିଡିପି) ଆଇନ ୨୦୨୩ର ଧାରା ୪୪(୩), ଯାହାକି ବିଜ୍ଞପ୍ତି ଜାରି ପରେ କାର୍ଯ୍ୟକ୍ଷମ ହେବ, ଚିନ୍ତାର କାରଣ ହୋଇଛି। ଏହି ଧାରା ସୂଚନା ଜାରି ପରେ କାର୍ଯ୍ୟକ୍ଷମ ହେବ, ଚିନ୍ତାର କାରଣ ହୋଇଛି। ଏହି ଧାରା ସୂଚନା ଅଧିକାର ଆଇନର ଧାରା ୮(୧)(ଜେ)ରେ ସଂଶୋଧନ ଆଣିବା ଫଳରେ ସମସ୍ତ ସରକାରୀ ସଂସ୍ଥାଗୁଡିକୁ 'ସାର୍ବଜନୀନ ସୂଚନା' ପ୍ରକାଶନକୁ ବାଦ୍ ଦେଇଛି ବା ଲୁଚାଇ ରଖିବାକୁ ଅନୁମତି ପ୍ରଦାନ କରିଛି। ଏହାର ଅର୍ଥ ହେଉଛି ସମସ୍ତ ସରକାରୀ ସୂଚନା ଯାହା ମଧ୍ୟ 'ବ୍ୟକ୍ତିଗତ ସୂଚନା' ପରିସର ଭୁକ୍ତ କରିଛି। ଉଦାହରଣ ସ୍ୱରୁପ ଜଣେ ଠିକାଦାର ନାମରେ ଯିଏ କି ଏକ ବ୍ରିଜ ନିର୍ମାଣ କରିବା ପାଇଁ ସରକାରୀ ଟେଣ୍ଡର ପାଇଥାଏ, ଏବେ ଆଉ ତଥ୍ୟ ସାର୍ବଜନୀନ କରିବାକୁ ବାଧ ହେବ ନାହିଁ। ଡିପିଡିପି ଆଇନର ଧାରା ୪୪(୩) ଅଧିନରେ ସୂଚନା ଅଧିକାର ଆଇନର ଧାରା ୮(୧)(ଜେ)କୁ ସଂଶୋଧନ କରାଯିବା ଫଳରେ ସରକାରୀ ସଂସ୍ଥାଗୁଡିକ ସିଧାସଳଖ ଯେକୌଣସି ତଥ୍ୟ ପ୍ରକଶକୁ ଅଗ୍ରାହ୍ୟ କରିବା ପଥ ପରିଷ୍କାର କରିଦେଇଛି। ବ୍ୟକ୍ତିଗତ ଗୋପନୀୟତା ଅଧିକାର ଉପରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛି ଯେ, ଗୋପନୀୟତା ଅଧିକାର ଏବଂ ସ୍ୱଚ୍ଛତା ଆଇନରେ ସୁସଂଗତ ହେବା ଉଚିତ୍। ସୂଚନା ଅଧିକାର ଆଇନର ୮(୧)(ଜେ) ଧାରା ଜନସ୍ୱାର୍ଥ ସମ୍ବଳିତ ସମସ୍ତ ତଥ୍ୟକୁ ସାର୍ବଜନୀନ କରିବାକୁ ଅନୁମତି ଦେଇଛି। ଜନସ୍ୱାର୍ଥରେ ସ୍ୱଚ୍ଛତା ପାଇଁ କୌଣସି ତଥ୍ୟକୁ ଗୋପନୀୟ ରଖାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିବା ସତ୍ୱେ ଡିପିଡିପି ଆଇନ ୨୦୨୩ ଏବେ ସୂଚନା ଅଧିକାର ଆଇନକୁ ଆହୁରି ଦୁର୍ବଳ କରିଦେଇଛି ବୋଲି କୁହାଯାଇପାରେ। ଡିପିଡିପି ଆଇନର ଧାରା ୪୪(୩)ର ଦ୍ୱାହି ଦେଇ ସରକାରୀ ଅଧିକାରୀମାନେ ଯେକୌଣସି ସରକାରୀ ତଥ୍ୟକୁ ସାର୍ବଜନୀନ କରିବା ପାଇଁ ବାଧ ହେବେ ନାହିଁ ଏବଂ ସ୍ଥଗିତ ରଖିପାରିବେ। ଏହା ଫଳରେ ସୂଚନା ଅଧିକାର ଆଇନର ମହତ ଉଦ୍ଦେଶ୍ୟ କ୍ଷୁର୍ଣ୍ଣ ହେବ, ଏଥିରେ ସନ୍ଦେହ ନାହିଁ। ଉଲ୍ଲେଖଯୋଗ୍ୟ ଦେଶରେ ଦୁର୍ନୀତିର ମୂଳୋତ୍ପାଟନ ତଥା ସ୍ୱଚ୍ଛତା ପ୍ରତିଷ୍ଠା ଏବଂ ଜନସାଧାରଣଙ୍କୁ ସମସ୍ତ ତଥ୍ୟ ଜାଣିବା ଅଧିକାର ଦେବା ଲକ୍ଷ୍ୟରେ ଦୀର୍ଘ ବର୍ଷର ଆନ୍ଦୋଳନ ପରେ କୋଡିଏ ବର୍ଷ ତଳେ ୨୦୦୫ ମସିହାରେ ସୂଚନା ଅଧିକାର ଆଇନ ପ୍ରଣୟନ କରାଯାଇଥିଲା। ଯେକୌଣସି ତଥ୍ୟ ଜାଣିବା ଲାଗି ସୂଚନା ଅଧିକାର ଆଇନ ଜନସାଧାରଣଙ୍କ ପାଇଁ ଅମୋଘ ଅସ୍ତ୍ର ଭାବେ କାର୍ଯ୍ୟକରି ଆସୁଥିଲା। ଏବେ କିନ୍ତୁ ଡିପିଡିପି ଆଇନ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ। ଅବଶ୍ୟ ଆରଟିଆଇ ଆଇନକୁ ଦୁର୍ବଳ କରିବା କିମ୍ବା ଏଥିରେ ସଂଶୋଧନ ନୂଆ ନୁହେଁ, ଦେଶରେ ଦୁର୍ନୀତି, ଭ୍ରଷ୍ଟାଚାର, ହେରଫେର, ସରକାରୀ ସ୍ତରରେ କାୟାବିସ୍ତାର କରି ଚାଲିଥିବାବେଳେ ଆମ ଦେଶରେ ଶାସକମାନଙ୍କର ସ୍ୱଚ୍ଛତା ପ୍ରତି ପ୍ରତିକୂଳ ପ୍ରତିକ୍ରୀୟା ରହିଥିବା କହିଲେ ଅଯଥାର୍ଥ ହେବ ନାହିଁ। ୨୦୦୫ ମସିହାରୁ ଦେଶର ଜନସାଧାରଣଙ୍କ ପାଇଁ ଏକ ଅମୋଘ ଅସ୍ତ୍ର ଭାବେ ଉଭା ହୋଇଥିବାବେଳେ ୨୦୧୯ରେ ପ୍ରଥମେ ସଂଶୋଧନ କରାଯାଇଥିଲା। ସରକାରଙ୍କ ପ୍ରତି ଅନୁଗତ ରଖିବା ଲାଗି ମୁଖ୍ୟ ସୂଚନା କମିଶନର ନିଯୁକ୍ତି ସର୍ତାବଳୀକୁ ସଂଶୋଧନ କରାଯାଇଥିଲା। ସେହିପରି ଦେଶବ୍ୟାପୀ କେନ୍ଦ୍ରୀୟ ଓ ରାଜ୍ୟମାନଙ୍କରେ ବହୁ ସୂଚନା କମିଶନର ପଦବୀ ଖାଲି ପଡିଛି। ଯାହାର ପରିଣତି ସ୍ୱରୁପ ଆବେଦନ ଗୁଡିକର ତ୍ୱରିତ ଶୁଣାଣୀ ନହୋଇ ପଡିରହିବା ସାର ହେଉଛି। କେବଳ ଏତିକି ନୁହେଁ, କେନ୍ଦ୍ରୀୟ ସୂଚନା କମିଶନର ବଜେଟ ଅନୁଦାନକୁ ମଧ୍ୟ ହ୍ରାସ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୮ରେ ବଜେଟ ଅନୁଦାନ ୬୩ପ୍ରତିଶତ ହ୍ରାସ କରାଯାଇଥିବାବେଳେ ୨୦୨୧ରେ ପୁଣି ୪୪ପ୍ରତିଶତ ହ୍ରାସ କରାଯାଇଥିଲା। ଆରଟିଆଇକୁ ସଂକୁଚିତ କରିବା ପାଇଁ ଅନୁଦାନ ହ୍ରାସ ଉଦ୍ଦିଷ୍ଟ ଥିବା ଭଳି ମନେହୁଏ। ଏହା ନିସନ୍ଦେହ ଯେ, ସୂଚନା ଅଧିକାର ଆଇନ ଦେଶରେ ଜନସାଧାରଣଙ୍କ ପାଇଁ ଏକ ଅମୋଘ ଅସ୍ତ୍ର ପାଲଟିଥିବାବେଳେ ଡିପିଡିପି ଆଇନ ମାଧ୍ୟମରେ ଏହାର ସଂଶୋଧନ ଅନାବଶ୍ୟକ ଅନୁଚିତ ପଦକ୍ଷେପ ବୋଲି କୁହାଯାଇପାରିବ। ସରକାର ସିଭିଲ୍ ସୋସାଇଟ୍, ସ୍ୱଚ୍ଛତା କର୍ମୀଙ୍କ ଉଦ୍‌ବେଗକୁ ସମ୍ମାନ ଦେଇ ଡିପିଡିପି ଆଇନରେ ଆରଟିଆଇ ଆଇନରେ ସଂଶୋଧନ ବ୍ୟବସ୍ଥାକୁ ତୁରନ୍ତ ବାଦ୍ ଦେବା ଉଚିତ୍। ଅନ୍ୟଥା ଆରଟିଆଇ ଆଇନ ପଙ୍ଗୁ ହୋଇଯିବା ସାର ହେବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ସୁରକ୍ଷିତ ପୃଥିବୀ ପାଇଁ ଆହ୍ୱାନ


ବିପିନ ବିହାରୀ ରାଉତ

ପୃଥିବୀ ଆମର ମାଆ। ତାରି କୋଳରେ ଜନ୍ମ ନେଇ ତାରି କୋଳରେ ବଢ଼ି ଖେଳି ଆମେ ଜୀବନ ନିର୍ବାହ କରିଥାଉ। ଏହିଠାରେ ଆମର ଜନ୍ମ, ତାପରେ କର୍ମ ଏବଂ ତାପରେ ମୃତ୍ୟୁ। ଯେଉଁଠାରେ ଆମେ ଜନ୍ମ ହୋଇ ସମଗ୍ର ଜୀବନକୁ ଅତିବାହିତ କରି ଶେଷରେ ମୃତ୍ୟୁବରଣ କଲେ ତାହାର ସୁରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପୃଥିବୀକୁ ସୁରକ୍ଷା କରିବା ଅର୍ଥ ଆମ ମାଆକୁ ସୁରକ୍ଷା କରିବା। ସୁରକ୍ଷିତ ପୃଥିବୀ ହିଁ ସୁସ୍ଥ ମାନବ ଜାତି ତଥା ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ ମଙ୍ଗଳପ୍ରଦ। ସମ୍ପ୍ରତି ବିଜ୍ଞାନର ସହଯୋଗ ମଣିଷର ଜୀବନଯାତ୍ରାକୁ ମଧୁମୟ କରିଛି। ସେଥିପାଇଁ ତ ମଣିଷ ସୁଖଶାନ୍ତିରେ ପୃଥିବୀରେ ବସବାସ କରୁଛି। ମାତ୍ର ସେ ଦେଉଛି କ'ଣ, ପୃଥିବୀକୁ ବରଂ ପ୍ରତି ବଦଳରେ ନିଜ ସୁଖ ସୁବିଧା ପାଇଁ ସେ ସୁନ୍ଦର ପ୍ରକୃତି ଉପରେ କରିଚାଲିଛି ଅକଥନୀୟ ଅତ୍ୟାଚାର। ଦିନକୁ ଦିନ ଗଛ କାଟୁଛି, ଜଙ୍ଗଲ ସଫା କରୁଛି। ସେଥିପାଇଁ ତାପମାତ୍ରା ବଢ଼ୁଛି। ଠିକ୍ ସମୟରେ ବର୍ଷା ହେଉନାହିଁ। ରୌଦ୍ରତାପର ଅସହ୍ୟ। ତା'ସାଙ୍ଗକୁ କଳକାରଖାନା ଯାନବାହନ ପାଇଁ ବହୁ ପରିମାଣରେ ବଢ଼ିଚାଲିଛି ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଜଳ ପ୍ରଦୂଷଣ। ଫଳରେ ମନୁଷ୍ୟ ନିଜେ ହିଁ ବିବିଧି ସମସ୍ୟା ଏବଂ ନାନାବିଧ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ବେଳ ହୁଁ ସଜାଗ ରହିବା ଏକାନ୍ତ ଆବଶ୍ୟକ। ସେଥିପାଇଁ ସଜାଗ ନହେଲେ ଖୁବ୍ କମ୍‌ଦିନ ମଧ୍ୟରେ ବିଶ୍ୱ ଧ୍ୱଂସ ପାଇବାଟା ହିଁ ସାରା ହେବ।

ବିଗତ କେତେବର୍ଷ ଧରି ଦ୍ରୁତ ପରିବର୍ତ୍ତନ ଅବସ୍ଥା ଦେଖି ବୁଦ୍ଧିଜୀବି ବୈଜ୍ଞାନିକ ଗୋଷ୍ଠୀ ବିଶ୍ୱନେତାମାନଙ୍କୁ ଏଭଳି ସମସ୍ୟାରୁ ମୁକୁଳିବା ପାଇଁ ଆହ୍ୱାନ ଦେଇଆସିଛନ୍ତି । ମାତ୍ର ଉଦ୍‌ବେଗର ବିଷୟ ହେଉଛି ବହୁ ଆଲୋଚନା, ପର୍ଯ୍ୟାଲୋଚନା ପରେ ମଧ ଏ ଦିଗରେ ଆଜିଯାଏ ଆବଶ୍ୟକ କର୍ଯ୍ୟ କରାଯାଇପାରିନାହିଁ । ଅବସ୍ଥା କ୍ରମେ ଅଣାୟତ୍ତ ସ୍ଥିତି ଆଡ଼େ ମୁହାଁଇଛି । ଆଜିଯାଏଁ ପୃଥିବୀପୃଷ୍ଠର କୋଟି କୋଟି ସାଧାରଣ ଜନତା ପାଣିପାଗ ପରିବର୍ତ୍ତନ କ'ଣ ଓ ଏହା କାହିଁକି ଘଟୁଛି ସେ ସମ୍ପର୍କରେ ହୁଏତ ଜାଣିନାହାନ୍ତି । ଅବଶ୍ୟ ଏମାନଙ୍କ ମଧ୍ୟରୁ ଶତକଡ଼ା ୧୦/୯୦ ଭାଗ ଲୋକଙ୍କ ପାଇଁ ପାଣିପାଗରେ ପରିବର୍ତ୍ତନ ଘଟୁନାହିଁ । ଯେଉଁମାନଙ୍କ ପାଇଁ ପୃଥିବୀପୃଷ୍ଠରେ ଅଧିକାଂଶ ବିଭ୍ରାଟ ଘଟୁଛି ସେମାନେ ହିଁ ବୁଦ୍ଧିଜୀବୀ, ଶିକ୍ଷିତ । ଅବସ୍ଥା ଲାଗୁ କରାଗଲେ ଯେଉଁ କେତେକ ଅସୁବିଧା ଦେଖାଦେବ ସେଭଳି ଅବସ୍ଥାର ସମ୍ମୁଖୀନ ହେବା ପାଇଁ ବୋଧହୁଏ ଏହି ବୁଦ୍ଧିଜିବୀ ଲୋକମାନେ ରାଜି ନୁହନ୍ତି । ଏହି କମ୍ ସଂଖ୍ୟକ ଲୋକ ନିଜର ବିଳାସବ୍ୟସନ ପାଇଁ କେବଳ ଯେ ପୃଥିବୀପୃଷ୍ଠର ସମ୍ବଳକୁ ବେପରୁଆ ଭାବେ ବ୍ୟବହାର କରୁଛନ୍ତି ତାହା ନୁହେଁ, ପରନ୍ତି ନିଜର ସୁଖସୁବିଧା, ବିଳାସବ୍ୟସନ ପାଇଁ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବିନିଯୋଗ କରିବା ସହିତ ପ୍ରକୃତି ଉପରେ ଅତ୍ୟାଚାର ଚଳାଇଛନ୍ତି ।

ଯଥାର୍ଥରେ ବିଶ୍ୱ ପାଣିପାଗ ସମ୍ମିଳନୀରେ ନିକଟରେ ମୁନ୍ ଅଭିଭାଷଣ ଦେଇ ଯେଉଁ ସତର୍କ ସୂଚନା ପୃଥିବୀବାସୀଙ୍କ ପାଇଁ ଦେଇଯାଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୁହାଯାଇଛି ଏବେ ପାଣିପାଗରେ ଦ୍ରୁତ ପରିବର୍ତ୍ତନ ପାଇଁ ହିଁ ସବୁପ୍ରକାର ଅଘଟଣ ଘଟିବା ଆରମ୍ଭ ହୋଇଛି । ସମୁଦ୍ର ଓ ସ୍ଥଳଭାଗରେ ବାତ୍ୟା, ଘୂର୍ଣ୍ଣିବାତ୍ୟା ସଂଖ୍ୟା ବଢ଼ିଛି । ଅନିୟମିତ ବର୍ଷା ଏକ ସାଧାରଣ କଥା ହୋଇଥିବାବେଳେ ମରୁଡ଼ି, ପ୍ରବଳ ବନ୍ୟା ତଥା ଅତି ବର୍ଷା ମଧ୍ୟ ପାଣିପାଗ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ପାଇଁ ଘଟୁଛି ବୋଲି ସୂଚନା ମିଳିଲାଣି। ମିଳିଥିବା ତଥ୍ୟ ଅନୁସାରେ ହିମାଳୟ ପର୍ବତମାଳାଠାରୁ ଏସିଆ ଦେଇ ଲମ୍ବି ରହିଥିବା ୪ ହଜାର ମାଇଲ ଲମ୍ବର ପର୍ବତମାଳା ଏବେ ତାପମାତ୍ରା ବୃଦ୍ଧି ପାଇଁ ଅତ୍ୟଧିକ ଭାବେ କ୍ଷତିଗ୍ରସ୍ତ ହୋଇଛି । ପର୍ବତମାଳାର ଉପତ୍ୟକା ଓ ଆଖପାଖ ଅଞ୍ଚଳରେ ଆଗାମୀ ଦିନରେ ଝଡ଼ବାତ୍ୟା, ଅଦିନ ତୁଷାରପାତ ଓ ବିଭୀଷିକାପୂର୍ଣ୍ଣ ଅବସ୍ଥା ଦେଖାଦେବାରୁ ସୂଚନା ମିଳିବା ପରେ ଏ ଅଞ୍ଚଳବାସୀ ବିବ୍ରତ ହେବା ସ୍ୱାଭାବିକ । ଏସବୁ ପର୍ବତମାଳାରେ ହଜାର ହଜାର ବର୍ଷ ତଳୁ ଜମା ହୋଇ ରହିଥିବା ବରଫଗଦା ତରଳିବା ଦ୍ୱାରା ଯେଉଁ ବିଭୀଷିକା ସୃଷ୍ଟି ହେବାକୁ ଯାଉଛି ତାହା ବନ୍ଦ ହେବ କିପରି ? କଥା ଅଛି 'ଠିକିଲେ ଶିଖେ' । ଆମେ ଯେ ଯାଏ ନ ଠିକିଛୁ ସେ ଯାଏ ଶିକ୍ଷା ଲାଭ କରୁନାହୁଁ । ମାତ୍ର ଏ କ୍ଷେତ୍ରରେ ଠିକିବା ଯାଏ ଅପେକ୍ଷା କଲେ ହୁଏତ ଅବସ୍ଥା ସାଂଘାତିକ ହୋଇଯାଇପାରେ । ଏହା ପୂର୍ବରୁ ଆମକୁ ସଚେତନ ହେବା ଜରୁରୀ। ତାପମାତ୍ରା ବୃଦ୍ଧି ପାଇଁ ପୃଥିବୀର ଯେଉଁ କେତେକ ଅଞ୍ଚଳ ବିପନ୍ନ ହେବାକୁ ଯାଉଛି ତା ମଧ୍ୟରୁ ହିମାଳୟ ପର୍ବତମାଳା ଅନ୍ୟତମ। ଏହାକୁ 'ହଟସ୍ପଟ' ଆଖ୍ୟା ଦିଆଯାଇଛି । ଏଠାରୁ ବରଫ ତରଳିଲେ ନେପାଳ, ଭାରତ, ବାଙ୍ଗାଲାଦେଶରେ ଜଳକଷ୍ଟ ଦେଖାଦେବା ସହ ମାଳଦ୍ୱୀପ, ବାଙ୍ଗଲାଦେଶ, ଶ୍ରୀଲଙ୍କା ସମୁଦ୍ର ଜଳପତ୍ତନ ବୃଦ୍ଧି ସମସ୍ୟାରେ ଆକ୍ରାନ୍ତ ହେବ । ଜାତିସଂଘ ମହାସଚିବ ଯଥାର୍ଥରେ କହିଛନ୍ତି ଆମ ପାଦ ଏବେ ଘୂରୁଥିବା ଏକ ଆକ୍ସିଲେଟରରେ ରହିଛି। ଯାହାର ଶେଷଭାଗ କ୍ରମେ ପାଖେଇ ଆସୁଛି। ଆମେ ସତର୍କ ନହେଲେ ଖୁବ୍‌ଶୀଘ୍ର ରସାତଳକୁ ଖସିପଡ଼ିବା। ଏହି ବକ୍ତବ୍ୟ ପ୍ରତି ଏବେ ଗୁରୁତ୍ୱର ସହ ବିଚାର କରିବାର ବେଳ ଆସିଛି।

ସୁନ୍ଦର ପୃଥିବୀକୁ ଦିନକୁ ଦିନ ମାଡ଼ି ଆସୁଥିବା ବିପଦରୁ ରକ୍ଷା କରିବା ପାଇଁ ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ। ୧୯୭୦ ମସିହା ଏପ୍ରିଲ ମାସ ୨୨ ତାରିଖ ଦିନ ଏହିସବୁ କାରଣରୁ ଜନ ସଚେତନତା ପାଇଁ ପୃଥିବୀ ଦିବସ ପାଳନ କରାଯାଇଥିଲା। ସେହିଦିନ ଠାରୁ ପ୍ରତିବର୍ଷ ଏପ୍ରିଲ ମାସ ୨୨ ତାରିଖ ଦିନ ସମଗ୍ର ବିଶ୍ୱରେ ବିଧିବିଧାନର ସହିତ ପୃଥିବୀ ଦିବସ ପାଳିତ ହୋଇଆସୁଛି। ସମସ୍ତ ବିଶ୍ୱବାସୀଙ୍କୁ ଆକସ୍ମିକ ବିପଦରୁ ରକ୍ଷା କରିବା ପାଇଁ ପୃଥିବୀବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଆଜିର ବିଜ୍ଞାନ ସମଗ୍ର ମାନବଜଗତକୁ ଦେଉଛି ଅନେକକିଛି, ଯାହା ମଣିଷର ଜୀବନଯାତ୍ରାକୁ ସହଜ ତଥା ସୁଗମମୟ କରିଦେଇଛି। ଫଳରେ ମାନବ ସମାଜ ଶାନ୍ତିରେ ବସବାସ କରିପାରୁଛି। ମାତ୍ର ଏ ମନୁଷ୍ୟଜାତି, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା କ୍ଷଣିକ ସୁଖ ପାଇଁ ସର୍ବୋପରି ଅଧିକ ଆନନ୍ଦ ପାଇଁ ନଷ୍ଟ କରି ଚାଲିଛି ପ୍ରକୃତିରାଣୀକୁ। ଗଛ କାଟିବା ଦ୍ୱାରା ତାପମାତ୍ରା ବଢୁଛି, ଠିକ୍ ସମୟରେ ବର୍ଷା ହେଉନାହିଁ। ମୌସୁମୀ ଠିକ୍ ସମୟରେ ଆସୁନାହିଁ, ଅପରପକ୍ଷରେ କଳକାରଖାନା, ଯାନବାହନ ଏପରି ଦ୍ରୁତଗତିରେ ବଢ଼ି ଚାଲିଛି ଯେ, ଯଦ୍ୱାରା ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ ବଢୁଛି, ଆମେ ଜାଣିଶୁଣି ଆମ ପାଇଁ ବିପଦକୁ ଟାଣି ଆଣୁଛୁ। ଏଣୁ ବେଳହୁଁ ଆମ ସମସ୍ତଙ୍କୁ ସଜାଗ ହେବାକୁ ପଡ଼ିବ, ନହେଲେ ଅବିଳମ୍ବେ ବିଶ୍ୱ ଧ୍ୱଂସ ପାଇବ। ଏଣୁ ଆମେମାନେ ସମସ୍ତେ ବିଶ୍ୱବାସୀ ସଜାଗ ହୋଇ ବିଶ୍ୱକୁ ଆକସ୍ମିକ ବିପଦରୁ ରକ୍ଷା କରିବା ଉଚିତ। ଏହିସବୁ ଦୃଷ୍ଟିକୋଣରୁ ଆଖି ଆଗକୁ ଆଣି ବିଶ୍ୱ ସଚେତନତା ସୃଷ୍ଟି କରିବା ପାଇଁ ସମଗ୍ର ବିଶ୍ୱରେ ଅପ୍ରେଲ ମାସ ୨୨ ତାରିଖକୁ ପୃଥିବୀ ଦିବସ ରୂପେ ପାଳନ କରାଯାଉଛି।

**ଶ୍ରୀବିହାର କଲୋନୀ,**
**ତୁଳସୀପୁର, କଟକ,**
**E-mail :**
**bipinrout@rediffmail.com**

### ଧରିତ୍ରୀ ଦିବସ

*ପରିବେଷ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଏପ୍ରିଲ ୨୨ ତାରିଖକୁ ବିଶ୍ୱ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ। ୧୯୭୦ ମସିହାରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଧରିତ୍ରୀ ଦିବସ ନେଟୱାର୍କ ଦ୍ୱାରା ଏବେ ଏହା ବିଶ୍ୱର ୧୯୩ରୁ ଅଧିକ ଦେଶରେ ପାଳନ କରାଯାଉଛି। ଆମେରିକା ସିନେଟ୍‌ର ଜେରାଲ୍ଡ ନେଲସନ୍‌ଙ୍କ ଦ୍ୱାରା ୧୯୭୦ରେ ଏକ ପରିବେଶ ଶିକ୍ଷା ରୂପେ ଏହା ସ୍ଥାପନା କରାଯାଇଥିଲା। ଏ ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଓ ଘରୋଇ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସମ୍ମେଳନ ଆଦି ଆୟୋଜିତ ହୋଇଥାଏ। ଧରିତ୍ରୀକୁ କିଭଳି ପ୍ରଦୂଷଣରୁ ରକ୍ଷା କରାଯାଇପାରିବ ଏବଂ ତାର ଉଚିତ ଯତ୍ନ ନିଆଯିବ, ସେ ନେଇ ବିଭିନ୍ନ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଏ। ସ୍କୁଲ କଲେଜଗୁଡ଼ିକରେ ଏ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏଥିସହ ଚାରାରୋପଣ, ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସଂକଳ୍ପ ନିଅନ୍ତି ବିଶ୍ୱବାସୀ।*

# ମୋବାଇଲରେ ଜୁଆ, ଯୁବବର୍ଗ ଭ୍ରମିତ


ଗୋପାଳ ମହାପାତ୍ର

ଡିଜିଟାଲ ଇଣ୍ଡିଆ ଫାଉଣ୍ଡେସନ ନିକଟରେ ଏକ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ଅନଲାଇନଗେମ୍ବଲିଙ୍ଗ ବା ଅନଲାଇନ ଜୁଆ ଖେଳ ବଢ଼ିବାରେ ଲାଗିଛି। ଅନଲାଇନରେ ଜୁଆଖେଳକୁ ପ୍ରୋତ୍ସାହିତ କରୁଥିବା ଏହି ଅନଲାଇନ୍ ପ୍ଲାଟଫର୍ମ ବା ଆପ୍ କୁ ବିଗତ ୩ମାସ ମଧ୍ୟରେ ୧୬୦ କୋଟି ଥର ଲୋକେ ଦେଖିଛନ୍ତି। ଏପରିକି ଖେଳିଛନ୍ତି। ସରକାରଙ୍କ ଦ୍ୱାରା ଏହି ଜୁଆ ଖେଳକୁ ରୋକିବା ବା ନିୟନ୍ତ୍ରିତ କରିବା ପାଇଁ ସମସ୍ତ ପ୍ରୟାସ ସତ୍ୱେ ଅବୈଧ ଭାବେ ଏହି ଖେଳ ବଢ଼ିଚାଲିଛି। ସମାଜ ବିଶେଷ ଭାବେ ଯୁବ ବର୍ଗ ଓ ପିଲାଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଦି ଲାସେଣ୍ଟ ପତ୍ରିକାରେ ପ୍ରକାଶିତ ରିଛାର୍ଡ଼ ଆରାମିଷ୍ଟେଡ଼ଙ୍କ ସର୍ବେକ୍ଷଣ ଅନୁସାରେ ଅନଲାଇନ ଜୁଆ ପିଲାଙ୍କ ମାନସିକ,ଭାବନାତ୍ମକ ତଥା ସାମାଜିକ ସ୍ୱାସ୍ଥ୍ୟ ଏବଂ ପାଠପଢ଼ା ଉପରେ ପ୍ରଭାବ ପକାଉଛି। ଯୁବବର୍ଗ ଓ ପିଲାମାନେ ଅନଲାଇନରେ ଏହି ଜୁଆ ଖେଳରେ ଫସି ଯାଉଛନ୍ତି ଯାହା ସେମାନଙ୍କୁ ଏଥିରେ ଧିରେ ଧିରେ ଅଭ୍ୟସ୍ତ କରିଦେଉଛି। ନୂଆ ଟେକ୍‌ନିକରୁ ଅନେକ ଲାଭ ମିଳିବ ବୋଲି କୁହାଯାଉଛି କିନ୍ତୁ ସାବଧାନ ନରହିଲେ ଏହା ଗୁରୁତର କ୍ଷତି କରିବାର ସମ୍ଭାବନା ମଧ୍ୟ ରହିଛି। ମୋବାଇଲ ଫୋନ୍‌ରେ ଅନେକ ସୁବିଧା ମିଳିପାରୁଛି, ଏହାର ଅନେକ ଫାଇଦା ମଧ୍ୟ ରହିଛି କିନ୍ତୁ ଏବେ ମୋବାଇଲ ଅନେକ ପ୍ରକାରର ଜୁଆ ଖେଳର ମାଧ୍ୟମ ପାଲଟିବାକୁ ବସିଛି। ତାସ, ଲୁଡୁ ଏବଂ କ୍ରିକେଟ ଭଳି ଖେଳକୁ ଅନଲାଇନ୍‌ରେ ଏଭଳି ରୂପ ଦିଆଯାଉଛି ଯାହା ଜୁଆର ବିକଳ୍ପ ଅଟେ।

ଏହି ନୂଆ ପ୍ରକାରର ଜୁଆ ଖେଳର ଜାଲରେ ଅନେକ କିଶୋର ଓ ଯୁବା ଫସିଯାଉଛନ୍ତି। ଏପରିକି ଗାଁ ଗହଳିରେ ମଧ୍ୟ ଏହି ଅନଲାଇନ ଜୁଆର ପ୍ରସାର ବଢ଼ିବାରେ ଲାଗିଛି। ଏହି ଅନଲାଇନ୍ ଜୁଆରେ ଥରେ କିଛି ଅର୍ଥ ହାରିବା ପରେ କେମିତି ହାରିଥିବା ଅର୍ଥ ଜିତିବେ ସେଇ ଆଶାରେ ଯୁବବର୍ଗ ଅଧିକ ଖେଳୁଛନ୍ତି ଏବଂ ଜିତିବା ପରିବର୍ତ୍ତେ ଅଧିକ ଭାବେ ହାରିବାରେ ଲାଗିଛନ୍ତି। ଅଧିକ ବାର ହାରିବା ପରେ ଚାପଗ୍ରସ୍ତ ଯୁବା/ କିଶୋର ମାନେ ପରିବାରର ଅର୍ଥକୁ ଜୁଆର ଲଗାଉଥିବା ଓ ହାରୁଥିବା ସମ୍ପର୍କରେ ଅନେକ ଖବର ମିଳୁଛି। ଅନେକ ସମୟରେ ଛୋଟ ଛୋଟ ପିଲାମାନେ ମଧ୍ୟ ଏହି ଜୁଆରେ ଫସିଯାଉଛନ୍ତି। ଯଦିଓ ଏହି ଖେଳ ପାଇଁ ଏକ ନିର୍ଦ୍ଧାରିତ ବୟସର ଯୁବା/ କିଶୋର ମାନଙ୍କୁ ଅନୁମତି ମିଳିଥାଏ କିନ୍ତୁ କେତେକ କ୍ଷେତ୍ରରେ ଏହାର ଉଲଂଘନ ମଧ୍ୟ ହେଉଛି। ଏହି ଖେଳ ଯୋଗୁଁ ଯୁବା/ କିଶୋରଙ୍କ ଧ୍ୟାନ ପାଠପଢ଼ାରୁ ହଟିଯାଇଥାଏ ଓ ସେମାନେ ଅନେକ ପ୍ରକାରର ଚିନ୍ତା ଓ ଚାପର ଶିକାର ହୋଇଥାନ୍ତି। ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ଯେଉଁ ବୟସରେ ସେମାନେ ଏକ ଉତ୍ତମ ଜୀବନ ପାଇଁ ପ୍ରସ୍ତୁତ ହେବା କଥା ସେହି ସମୟକୁ ଜୀବନର ବରବାଦ ପାଇଁ ଲଗାଇ ଦେଉଛନ୍ତି, ଏ ପ୍ରସଙ୍ଗରେ ପରିବାରର ଲୋକେ ଜାଣିବା ପରେ ଯଦି କିଛି ଉପଦେଶ ଦିଅନ୍ତି ବା ଗାଳିଗୁଲଜ କରନ୍ତି ତେବେ ଜୁଆ ଖେଳୁଥିବା ଯୁବା/ କିଶୋର ମାନେ ଅଧିକ ଚାପଗ୍ରସ୍ତ ହୋଇ ପିତାମାତାଙ୍କୁ ପାଲଟା ଗାଳୁଗୁଲଜ କରୁଥିବା ବାବଦରେ ମଧ୍ୟ ଅନେକ କଥା ଶୁଣିବାକୁ ଓ ଜାଣିବାକୁ ମିଳୁଛି। ଏହି କାରଣରୁ ଅନେକ ପିତାମାତା ମଧ୍ୟ ଅସୁବିଧା ଭୋଗ କରୁଛନ୍ତି।

ଅନ୍‌ଲାଇନ୍‌ରେ ଏହି ଜୁଆ ଏବେ ଯୁବା/ କିଶୋର ମାନଙ୍କ ପାଇଁ ଏକ ନିଶା ପାଲଟିବାକୁ ବସିଲାଣି। ଏର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗ ନାମକ ଏକ କନସଲଟାନସ ଫାର୍ମର ରିପୋର୍ଟ ଅନୁସାରେ ଆମ ଦେଶର ଲୋକେ ଦୈନିକ ପାଖାପାଖି ୫ଘଣ୍ଟା ମୋବାଥଲ ଫୋନର ବ୍ୟବହାର କରୁଛନ୍ତି। ରିପୋର୍ଟ ଅନୁସାରେ ୨୦୨୪ ରେ ଆମ ଦେଶର ଲୋକେ ୧.୧ ଲକ୍ଷ କୋଟି ଘଣ୍ଟା ଫୋନର ବ୍ୟବହାର କରିଛନ୍ତି। ୭୦ ପ୍ରତିଶତ ଲୋକ ସୋସିଆଲ ମିଡିଆ, ଭିଡିଓ ଏବଂ ଏହି ଜୁଆ ଖେଳ ପାଇଁ ଫୋନ ବ୍ୟବହାର କରିଛନ୍ତି। ତଥ୍ୟ ଅନୁସାରେ ପ୍ରତି ମାସରେ ପ୍ରତିବ୍ୟକ୍ତି ପାଖାପାଖି ୨୭ ଜିବିରୁ ଅଧିକ ଡାଟା (ଇଣ୍ଟରନେଟ) ବ୍ୟବହାର କରିଥାନ୍ତି। ଏହା ଏକ ବିଡ଼ମ୍ବନା ନୁହେଁକି ? ଭାରତକୁ ଏକ ଯୁବ ଦେଶ ବୋଲି କୁହାଯାଉଛି। କିନ୍ତୁ ଯୁବ ବର୍ଗ କରୁଛନ୍ତି କ'ଣ ? ସ୍ମାର୍ଟଫୋନରେ ରିଲସ୍ ଦେଖୁଛନ୍ତି ଜୁଆଖେଳୁଛନ୍ତି। କୁହାଯାଉଛି ଫୋନ ଯୁବବର୍ଗଙ୍କୁ ଖରାପ ରାସ୍ତାକୁ ଟାଣିନେଉଛି। ନୂଆ ପିଢ଼ୀ ଖରାପ ହେବାରେ ଲାଗିଛି। ଯୁବବର୍ଗ ବରବାଦ ର ରାସ୍ତାରେ। କିନ୍ତୁ ଏସବୁ କହିବା କହିବାରେ ରହିଯାଉଛି। ମୋବାଇଲର ବ୍ୟବହାର ବଢିବାରେ ଲାଗିଛି।



ଇଣ୍ଟରନେଟ ହେଉଛି ସୂଚନା ଏବଂ ତଥ୍ୟର ଅନ୍ତହୀନ ଭଣ୍ଡାର। ଏହି ଭଣ୍ଡାରରୁ ଶିକ୍ଷା, ଜ୍ଞାନକୌଶଳ, ଭାଷାଭଳି ଅନେକ ସକାରାତ୍ମକ ତଥ୍ୟ ବାବଦରେ ଜାଣିବା ପରିବର୍ତ୍ତେ ଜୁଆ ରୂପି ନିଶାରେ ନିଶାଗ୍ରସ୍ତ ଆଜିର ପିଢ଼ୀ। ଏ କଥା ମଧ୍ୟ ମନେରଖିବା ଉଚିତ୍ ଯେ ଇଣ୍ଟରନେଟରେ ଘଣ୍ଟା ଘଣ୍ଟା ସମୟ ବିତାଇବା କାରଣରୁ ଗେମିଙ୍ଗ କମ୍ପାନୀ ମାଲାମାଲ ହେଉଥିବା ବେଳେ ଜୁଆ ଖେଳୁଥିବା ଲୋକେ (ଯୁବ/କିଶୋର) ବ୍ୟାପକ ଅର୍ଥ ହରାଉଛନ୍ତି। ୨୦୧୪ରେ ୧.୧ ଲକ୍ଷକୋଟି ଘଣ୍ଟାର ମୋବାଇଲ ଫୋନ ବ୍ୟବହାର ହୋଇଛି ଓ ଡାଟା (ଇଣ୍ଟରନେଟ)ର ବ୍ୟବହାର ହୋଇଛି। ଏଥିରୁ ଗେମିଙ୍ଗ୍ କମ୍ପାନୀ ଏବଂ ମନୋରନ କମ୍ପାନୀ ଅଢ଼େଇ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ଅର୍ଥାତ୍ ଗେମିଙ୍ଗ କମ୍ପାନୀ ମାନଙ୍କର ଦୁଇ ପ୍ରକାରର ଲାଭ ରହିଛି। ଜୁଆ ଖେଳରେ ଲୋକେ ହାରିବା ଯୋଗୁଁ ତାଙ୍କ ପାଖକୁ ସିଧାସଳଖ ଅର୍ଥ ଯାଇଥିବା ବେଳେ ଇଣ୍ଟରନେଟ ବ୍ୟବହାର ସୁତ୍ରରୁ ମଧ୍ୟ କୋଟି କୋଟି ଟଙ୍କା ପାଇଛନ୍ତି।

ଆମେ ବିଶ୍ୱର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦୁର୍ଭାଗ୍ୟ ଯେ ପ୍ରତିବର୍ଷ ଜିଡିପି ଏବଂ ଆୟ ମଧ୍ୟ ବଢୁନାହିଁ। କିନ୍ତୁ ଆମର ବଢୁଛି କ'ଣ ? ହୁଏତ ଆମ ଅପେକ୍ଷା ଅନ୍ୟ ଦେଶର ଲୋକେ ଅଧିକ ସମୟ ଫୋନ ବ୍ୟବହାର କରୁଥାଇ ପାରନ୍ତି, କିନ୍ତୁ ଆମର ସେଥିରେ ଯାଏ ଆସେ କ'ଣ ? ଆମେ ନିଜକୁ ନିଜେ ଦେଖିବା ଆବଶ୍ୟକ। ଟେକ୍ନୋଲୋଜି ଭଲ ଜିନିଷ, ଏହାକୁ ଆପଣେଇବା ଉଚିତ କିନ୍ତୁ ଏହାର ଠିକ୍ ଉପଯୋଗ କରାଯିବା ଆବଶ୍ୟକ। ଆମେ ଯଦି ସଚେତନ ନହେବା ତେବେ ଏହି ଜୁଆ ନିଶାରୁ ବର୍ତ୍ତିବା ଅସମ୍ଭବ। ଅନ୍ୟପକ୍ଷରେ ସରକାର ମଧ୍ୟ ଅନଲାଇନ୍ ଗେମିଙ୍ଗ କମ୍ପାନୀ ମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବା ସହ ଏଭଳି ପ୍ଲାଟଫର୍ମ ଗୁଠିକୁ ସଂପୁର୍ଣ୍ଣ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ।

**ରାମଚନ୍ଦ୍ରପୁର, ରଣପୁର, ମୋ :୯୪୩୮୪୮୫୦୯୪**

# 'ଜ୍ଞାନୀ ହୁଅ, ଧନୀ ପଛେ ନହୁଅ'


କିଶୋର କୁମାର ଜେନା

ଆଧ୍ୟାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ। ଆଧ୍ୟାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ। ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି। ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା। ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ୍ୟ ବୁଝି ପାରିବା ନାହିଁ। କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ। ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର। ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି। ଏଣୁ ଜାଗ୍ରତ ରହିବା ଜରୁରୀ। କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ। ଏହା ମୋହ, ମାୟା ଏବଂ ଲୋଭର ନିଦ। କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ। ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ। ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ। ଆତ୍ମବିଶ୍ୱାସ ଘନିଭୂତ ହେବଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ। ଈର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ। ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ। ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ। ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତ୍ତା ଦେଇଥାଏ। ଜାଗ୍ରତ ହୋଇପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ।

ବାପାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି, କେହି ତାଙ୍କୁ ଭୁଲି ନାହାନ୍ତି କିମ୍ବା ତାଙ୍କୁ ଉପେକ୍ଷା କରିନାହାନ୍ତି, ଏହା ହିଁ ଥିଲା ତାଙ୍କର ବ୍ୟକ୍ତିତ୍ୱ। ଥରେ ବାପା ମୋ ବଡ଼ଭାଇଙ୍କୁ କହିଲେ ଯେ, ଗଙ୍ଗାଭରଚ୍ଛ ଉରମକ୍ୱରରର ଆମେ ନେଇଛେ, ସେଗୁଡ଼ାକ ସବୁ ଆଣ, ପ୍ରାୟ ପଚାଶ ହଜାର ଟଙ୍କାର ଗଙ୍କଭରଚ୍ଛ ଉରମକ୍ୱରରକୁ ସେ ନିଆଁରେ ପୋଡ଼ି ଦେଲେ। ବଡ଼ ଭାଇଙ୍କ କହିବା ଅନୁଯାୟୀ, ବାପାଙ୍କର ଉକ୍ତି ଥିଲା ଯେ, ଗରିବ ଲୋକ ଟଙ୍କା ନେଇ ଦେଇପାରୁନାହାନ୍ତି ତା ବୋଲି ତାଙ୍କ ଘରବାଡ଼ି ନିଲାମ କରିବି ? ତାଙ୍କର ଏହି ଅମାୟିକ ଗୁଣ ଜନସାଧାରଣରେ ବହୁତ ଆଦୃତ ଥିଲା। ଯଦିଓ ସେ ବେଶୀ ପାଠ ପଢ଼ିନଥିଲେ, କିନ୍ତୁ ତାଙ୍କର ଜ୍ଞାନରେ ସେ ଅନ୍ୟମାନଙ୍କର ସମ୍ମାନନୀୟ ହେଉଥିଲେ। ସଂସ୍କୃତ ଭାଷା ପ୍ରତି ତାଙ୍କର ବହୁତ ଆଦର ଥିଲା, ତେଣୁ ସେ ଗୋଟିଏ ସଂସ୍କୃତ ଟୋଲ ନିଜ ଖର୍ଚ୍ଚରେ ପ୍ରତିଷ୍ଠା କରି, ବହୁତ ଗରିବ ବ୍ରାହ୍ମଣ ପିଲାଙ୍କୁ ସଂସ୍କୃତ ଶିକ୍ଷାଦାନ କରାଇଥିଲେ। ମୋର ନିଜ କଥା ମୁଁ ଯେତେବେଳେ ବ୍ୟବସାୟରେ ଖୁବ ଉଚ୍ଚକୁ ଉଠି ଚାଲିଥିଲି, ସେତେବେଳେ ସେ ମୋତେ ପାଖକୁ ଡାକି ଓକିଲାତି କରିବା ପାଇଁ କହିଥିଲେ। ତାଙ୍କ କଥା ମାନି ମୁଁ ଓକିଲାତି ଆରମ୍ଭ କଲି, ଓକିଲାତି ଆରମ୍ଭ କରିବା ପୂର୍ବରୁ ମୁଁ ଯେତେବେଳେ ତାଙ୍କୁ ମୁଣ୍ଡିଆ ମାରିବାକୁ ଗଲି, ସେ ମୋତେ ଆଶୀର୍ବାଦ କରି କହିଥିଲେ, 'ଜ୍ଞାନୀ ହୁଅ, ଧନୀ ପଛେ ନହୁଅ'। ତାଙ୍କର ପ୍ରବଳ ଆଗ୍ରହ ଜ୍ଞାନ ପ୍ରତି ଥିଲା। ଓଡ଼ିଶା ଇତିହାସରୁ ପୃଥିବୀ ଇତିହାସ ପର୍ଯ୍ୟନ୍ତ ତାଙ୍କର ସ୍ମରଣ ଭିତରେ ଖୁବ ସୁନ୍ଦର ଭାବରେ ସାଇତା ହୋଇ ରହିଥିଲା। ବାପାଙ୍କର କେହି ଭାଇ କିମ୍ବା ଭଉଣୀ ନଥିଲେ। ୧୯୬୪ ମସିହା କଥା। ମୋର ବଡ଼ ଜେଜେଙ୍କ ପୁଅ ଆମର ବଡ଼ ବାପା। ତାଙ୍କ ପୁଅକୁ ସେ ନିଜ ଖର୍ଚ୍ଚରେ ଜର୍ମାନ ପଠାଇଥିଲେ ଉଚ୍ଚଶିକ୍ଷା ପାଇଁ। ସେତେବେଳେ ଆମେମାନେ ବହୁତ ଛୋଟ ଛୋଟ ଥିଲୁ। ବାପାଙ୍କ ପାଖରେ ଆବଶ୍ୟକୀୟ ଅର୍ଥ ନଥିଲା। ତେଣୁ ବାପା ଜମି ବିକ୍ରି କରି ଆବଶ୍ୟକୀୟ ଅର୍ଥ ବଡ଼ବାପାଙ୍କ ପୁଅକୁ ଦେଇଥିଲେ ଜର୍ମାନ ଯିବା ପାଇଁ। ବାପାଙ୍କର ଆଉ ଗୋଟିଏ ଗୁଣ ସେ ନିଜ ପାଇଁ କିଛି କରିବା ପାଇଁ ଆଗ୍ରହି ନଥିଲେ। ମୋ ଜୀବନର ବହୁତ ଆନନ୍ଦ ମୁଁ ବାପାଙ୍କୁ ନେଇ ଉତ୍ତର ଭାରତ ଏବଂ ଦକ୍ଷିଣ ଭାରତର ପ୍ରାୟ ସମସ୍ତ ତୀର୍ଥ ଦର୍ଶନ କରାଇଥିଲି। ବାପା ଏବଂ ବୋଉଙ୍କୁ ଧରି ବିଭିନ୍ନ ତୀର୍ଥକୁ ଯିବା ମୋ ଜୀବନର ଏକ ଅମୂଲ୍ୟ ଗତି ହୋଇ ରହିଛି।

ଯୁଗାବତାର ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ସମ୍ଭାଷଣର ପବିତ୍ର ସ୍ମରଣୀୟ ଧାଡ଼ିଟି ମନେପଡୁଛି – 'ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ୱସ୍ତିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ। ଜାତସ୍ୟ ଧ୍ରୁବମ୍ମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ସ୍ୱର୍ଗତଃ ମୋ ବାପା କୃଷ୍ଣମୋହନ ଜେନାଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି – 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

**ଆଇନଜୀବୀ, ବଙ୍ଗାଳିସାହି,**
**କଟକ, ଦୂରଭାଷ :**
**୭୩୨୫୯୦୪୯୨୭/**
**୭୩୭୭୪୩୯୦୭୭**
**E-mail :**
**kishorekumarjenaadv@gmail.com**

## ଝୁଲନ୍ତା ଅବସ୍ଥାରେ ବୃଦ୍ଧାଙ୍କ ମୃତ ଶରୀର ଜବତ

**କାକଟପୁର,(ଡିକେ ନ୍ୟୁଜ):** ଲତାହରଣ ପଞ୍ଚାୟତ ଗୋରଡ଼ିତୋଟା ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ। ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କର ମୃତ ଶରୀର ଜଣେ ବ୍ୟକ୍ତିଙ୍କ ଗୃହ ସାମ୍ନା ଆଜବେଷ୍ଟ କଇଁଚିଆରେ ଝୁଲନ୍ତା ଅବସ୍ଥାରେ ରହିଛି। ଯାହାଙ୍କର ନାମ ବେଙ୍ଗ ବରାଳ। ଏହା ଏକ ହତ୍ୟା କି ଆତ୍ମହତ୍ୟା ଯାହା ସମ୍ପୂର୍ଣ୍ଣ ସନ୍ଦେହ ଘେର ଭିତରେ ରହିଛି। ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିବା ସହ ଫରେନସିକ୍ ଟିମ୍‌ର ସହାୟତା ଲୋଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ମୃତ ବୃଦ୍ଧାଙ୍କ ନିଜ ଘର ଅସ୍ତରଙ୍ଗ ବ୍ଲକ କରଞ୍ଜପୁର ଗ୍ରାମରେ। ମାତ୍ର ଗତକାଲି ନିଜ ବାପଘର ଗ୍ରାମ ଗୋରଡ଼ିତୋଟାକୁ ଆସିଥିଲେ ଓ ଆଉ ନିଜ ଭାଇଙ୍କ ଘରେ କିଛି ସମୟ ବିତାଇଥିଲେ। ଆସିବା କାରଣ ଯାହା ସୂଚନା ରହିଛି ବୃଦ୍ଧା ତାଙ୍କ ନିଜ ନାତୁଣୀଙ୍କୁ ନିକଟ ଗ୍ରାମ ଓଳଙ୍ଗରରେ ବିବାହ ଦେଇଥିଲେ। ମାତ୍ର ବିବାହର କିଛି ବର୍ଷ ପରେ ନାତୁଣୀ ଶଶୁର ଘରେ ଅତ୍ୟାଚରର ଶିକାର ହୋଇଥିଲେ ଯାହାକୁ ସମାଧାନ କରିଥିଲେ ବୃଦ୍ଧାଙ୍କ ବାପ ଘର ଗ୍ରାମର ବୈକୁଣ୍ଠ ରାଉତ। ଗତକାଲି ଉକ୍ତ ଭଦ୍ରବ୍ୟକ୍ତିଙ୍କୁ ସାକ୍ଷାତ କରି ନାତୁଣୀ ବିଷୟରେ ଆଲୋଚନା କରିବା ପାଇଁ ବୃଦ୍ଧା ନିଜ ବାପ ଘର ଗ୍ରାମକୁ ଆସିଥିଲେ। ସନ୍ଧ୍ୟା ସମୟରେ ବୈକୁଣ୍ଠ ରାଉତଙ୍କ ଘରକୁ ଆସିଥିଲେ। ଆଜି ଭୋର ୫ ଘଟିକା ସମୟରେ ବୈକୁଣ୍ଠଙ୍କ ପତ୍ନୀ ଘର ବାହାରକୁ ଆସିଥିଲେ ଆଉ ଝୁଲନ୍ତା ଅବସ୍ଥାରେ ମୃତ ଶରୀରଙ୍କୁ ଦେଖି ଆଗ ନିଜ ଘରେ ଆଉ ପରେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଗ୍ରାମବାସୀ ଏକାଠି ହୋଇ ବୃଦ୍ଧା ପିନ୍ଧିଥିବା ଲୁଗାରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଆଉ ପରେ ବୃଦ୍ଧାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଘଟଣା ସ୍ଥଳରେ ବୃଦ୍ଧାଙ୍କ ପୁଅ ପହଞ୍ଚି କାକଟପୁର ଥାନାରେ ଭଦ୍ରଲୋକ ବୈକୁଣ୍ଠ ରାଉତ ଆଉ ଭାଗା ପ୍ରଧାନଙ୍କ ନାମରେ ଏତଲା କରିଛନ୍ତି। ଯାହା ସୂଚନା ରହିଛି ଉକ୍ତ ଭଦ୍ର ଲୋକଙ୍କ ଦ୍ୱାରା ବୃଦ୍ଧାଙ୍କ ନାତୁଣୀଙ୍କ ବିବାହ କରାଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ଯାହା ସୂଚନା ରହିଛି ଏହି ଘଟଣା ଉପରେ ବୃଦ୍ଧାଙ୍କ ନାତୁଣୀ ଶଶୁର ଘର ଲୋକଙ୍କ ସମ୍ପୃକ୍ତି ଥାଇପାରେ। ସେମାନଙ୍କୁ ମଧ ତଦନ୍ତ ପରିସରକୁ ଅଣାଯାଉ। ଯାହା ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ସାମ୍ନାକୁ ଆସିବ। ଏବେ କାକଟପୁର ପୋଲିସର ତଦନ୍ତ ପରେ ଜଣାପଡିବ ଏହା ଏକ ହତ୍ୟା ନା ଆତ୍ମହତ୍ୟା। ଯଦି ହତ୍ୟା ହୋଇଥିବ ତାହେଲେ ସତରେ କଣ ନାତୁଣୀ ଶଶୁର ଘର କିଛି ସମ୍ପୃକ୍ତି ଅଛିକି ?

## ୨୪ରୁ ଆରମ୍ଭ ବିରୂପା ମହୋତ୍ସବ




**ସାଲେପୁର,(ଡିକେ ନ୍ୟୁଜ):** ସାମାଜିକ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଓ ବିକଳାନନ୍ଦ ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ପ୍ରତି ବର୍ଷ ପରି ଚଳିତ ବର୍ଷ ୨୪ତାରିଖରୁ ଆରମ୍ଭ ହୋଇ ୨୮ତାରିଖ ପର୍ଯ୍ୟନ୍ତ ଗୋପୀନାଥ ପୁର ନିକଟସ୍ଥ ବିରୂପା ନଦୀ କୂଳରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପାଗା ଛକ ନିକଟସ୍ଥ ସୁହାନି ମଣ୍ଡପରେ ଅନୁଷ୍ଠିତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକର୍ମ ରହିଛି। ସେହିପରି ଓଡିଶାର କଳା, ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ କାର୍ଯ୍ୟକର୍ମ ପରିବେଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରତି ସନ୍ଧ୍ୟାରେ ସିନେ କଳାକାର ଏବଂ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ଗୁଡିକ ଦ୍ୱାରା ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମୁଖ୍ୟ ଉପଦେଷ୍ଟା ଦିଲ୍ଲିପ କୁମାର ଦାଶ, ଅଧକ୍ଷତା କରିଥିବା ବେଳେ ବିଶ୍ୱରଂଜନ ସାହୁ, ପ୍ରଶାନ୍ତ କୁମାର କର, ସୁରେଶ କୁମାର ରାଉତ, ପ୍ରଶାନ୍ତ କୁମାର ଭୂୟାଁ, ରମେଶ କୁମାର ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତି ରଞ୍ଜନ ରାଉତ, ଦେବେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗର ସଫଳତା

**ତିହିଡ,(ଡିକେ ନ୍ୟୁଜ):** ଭଦ୍ରକ ଜିଲା ତିହିଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟ ବିଜ୍ଞାନ ବିଭାଗରୁ ୨ଜଣ ଛାତ୍ର ସର୍ବଭାରୀୟ ଜେଇମେନ-୨୦୨୫ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ର ସୌମ୍ୟରଂଜନ ମହାନ୍ତି ୯୪.୧୮ ପ୍ରତିଶତ ଓ ପୀୟୁଷ କୁମାର କର ୮୫.୮ ପ୍ରତିଶତ ନମ୍ବର ରଖି ଏହି ସଫଳତା ପାଇଛନ୍ତି। ବାହାବଳପୁର ଗ୍ରାମର ଅରୁଣ କୁମାର ମହାନ୍ତି ଓ ସ୍ମିତାରାଣୀ ମହାନ୍ତିଙ୍କ ପୁତ୍ର ସୌମ୍ୟ ରଂଜନ ହୋଇଥିବା ବେଳେ ପୀରହାଟ କରସାହି ଗ୍ରାମର ସ୍ୱର୍ଗତ ସରୋଜ କୁମାର କର ଓ ଜ୍ୟୋସ୍ନାରାଣୀ ମିଶ୍ରଙ୍କ ପୁଅ ପୀୟୁଷ ବୋଲି ଜଣା ପଡ଼ିଛି। ସୌମ୍ୟରଂଜନ ଭବିଷ୍ୟତରେ ପଦାର୍ଥବିଜ୍ଞାନ ଓ ପୀୟୁଷ କମ୍ପୁଟର ବିଜ୍ଞାନରେ ଉଚ୍ଚଶିକ୍ଷା କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ସଫଳତା ପରେ କଲେଜର ଅଧକ୍ଷ ଦୀନବନ୍ଧୁ ଗାହାଣ ଏବଂ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ, ଅଧାପିକାମାନେ ଛାତ୍ର ଦୁଇଜଣଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର କାମନା କରିଛନ୍ତି।

## ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟସେବା




**ବ୍ରହ୍ମପୁର,(ଡିକେ ନ୍ୟୁଜ):** ବ୍ରହ୍ମପୁରର ମାଟିଖାଲସ୍ଥିତ ଭାରତୀୟ ବିରଳ ମୃତ୍ତିକା (ଆଇଆରଇଏଲ) ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ଲାପଟପ୍ ବଣ୍ଟନ କରାଯାଇଛି। ଜିଲ୍ଲାରେ ଯକ୍ଷ୍ମା ଓ ମାଲେରିଆ ନିରାକରଣ ପାଇଁ ନିଯୋଜିତ ଫିଲଡ୍ କର୍ମଚାରୀମାନଙ୍କୁ ଏହି ଲାପଟପ ଦିଆଯାଇଛି। ଏନେଇ ବ୍ରହ୍ମପୁର ନଗର ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଆୟୋଜତ ଏକ ସଭାରେ ଆଇଆରଇଏଲର ଅଧିକାରୀମାନଙ୍କ ଉପସ୍ଥିତରେ ୫୦ ଜଣଙ୍କୁ ଲାପଟପ୍ ପ୍ରଦାନ କରାଯାଇଥିଲା। ଏଥିରେ ଆଇଆରଇଏଲର ମାର୍କେଟିଂ ଇନଚର୍ଜ ରବି ଶଙ୍କର ସାବତ, ଡିଜିଏମ୍ ଫାଇନାନ୍ସ ଜଗଦାନନ୍ଦ ନାୟକ ଓ ସିନିୟର ମ୍ୟାନେଜର ସିଏଏସଆର ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଡିଏମଓ ବିଶ୍ୱମ୍ଭର ବେହେରା ଯକ୍ଷ୍ମା ରୋଗ ମୁଖ୍ୟ ଅବନୀ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଯକ୍ଷ୍ମା ଓ ମାଲେରିଆ ନିରାକରଣ ପାଇଁ ହେଉଥିବା ସର୍ଭେ ରେକର୍ଡ ପାଇଁ ଏହି ଲାପଟପ୍ ବେଶ ଉପାଦେୟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ବସୁଧା ଯୋଜନା ବାଟବଣା : ଲାଞ୍ଜିଗଡବାସୀ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ



**କଳାହାଣ୍ଡି ,(ଡିକେ ନ୍ୟୁଜ):** ସରକାର ଲୋକଙ୍କୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଏଥି ମଧ୍ୟରୁ 'ବସୁଧା' ଅନ୍ୟତମ। ଏହି ଯୋଜନା ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ଗ୍ରାମରେ ବସୁଧା ଯୋଜନା କାର୍ଯ୍ୟ କରୁଛି। ଏଥିପାଇଁ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଠିକାଦାର ଓ ବିଭାଗୀୟ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ କରାଯାଉଛି। ନିମ୍ନମାନର ପାଇପ ବ୍ୟବହାର କରିଥିବା ଯୋଗୁଁ ଅନେକ ସ୍ଥାନରେ ପାଇପ ଫାଟିଯାଉଛି। ଏପରିକି କିଛି ଗାଁରେ କାମ ଶେଷ ହେବା ପରେ ମଧ ଗ୍ରାମବାସୀ ବସୁଧା ଯୋଜନାରେ ପାଣି ପାଇପାରି ନାହାଁନ୍ତି। ଫଳରେ ବସୁଧା ଯୋଜନା ବାଟବଣା ହୋଇଛି। ଏ ନେଇ ବାରମ୍ବାର ବିଡ଼ିଓ ଓ ବିଭାଗୀୟ କର୍ମଚାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ। ପ୍ରକାଶ ଯେ, ସବୁ ଗ୍ରାମରେ ବସୁଧା ଯୋଜନା କାର୍ଯ୍ୟ ପାଇଁ ଠିକାଦାରଙ୍କୁ ଇ-ଟେଣ୍ଡର ଜରିଆରେ କାର୍ଯ୍ୟାଦେଶ ଦିଆଯାଇଛି। ଏଥିରେ ବୋରୱେଲ ଖନନ, ପମ୍ପ ହାଉସ ନିର୍ମାଣ, ଓଭରହେଡ ଟାଙ୍କି ନିର୍ମାଣ, ଟାଙ୍କିଠାରୁ ହିତାକାରୀଙ୍କ ଘର ପର୍ଯ୍ୟନ୍ତ ମାଟିତଳେ ପାଇପ ବିଛାଇ ପ୍ରତ୍ୟେକଙ୍କ ଘର ସାମ୍ନାରେ ଟ୍ୟାପ୍ ଷ୍ଟାଣ୍ଡ ନିର୍ମାଣ କରିବା ଇତ୍ୟାଦି କାର୍ଯ୍ୟ କରାଯାଇଥାଏ। ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ଲାଞ୍ଜିଗଡ଼ ବ୍ଲକର ଅନେକ ପଞ୍ଚାୟତରେ ଏଥିରେ ବାଟମାରଣା ହୋଇଥିବା ଅନୁମାନ କରାଯାଏ। କେଉଁଠି ଓଭର ହେଡ ଟାଙ୍କିକୁ ପାଣି ଉଠୁନାହିଁ ତ କେଉଁଠି ଓଭର ହେଡ ଟାଙ୍କି ନିର୍ମାଣ ଶେଷ ହୋଇନଥିବା ବେଳେ କେଉଁଠି ନିମ୍ନମାନର ପାଇପ ବିଛାଯାଇଥିବା ଯୋଗୁଁ ପାଇପ ଫାଟିଯାଉଛି। ପୁଣି କେଉଁଠି ଓଭର ହେଡ ଟାଙ୍କି ନିର୍ମାଣ ଓ ପାଇପ ବିଛା କାମ ଶେଷ ହୋଇଛି ହେଲେ ପାଣି ଯୋଗାଣ ହୋଇନାହିଁ। ତେବେ ବ୍ଲକରେ ୨୦୧୯ ମସିହାରେ ପ୍ରଥମ ପର୍ଯ୍ୟାୟରେ ୪୦ ଗୋଟି ଓଭର ହେଡ ଟାଙ୍କି ନିର୍ମାଣର ହୋଇଥିବା ବେଳେ ନିମ୍ନମାନର କାମ ଯୋଗୁଁ ସେଥିମଧ୍ୟରୁ ୨୫ଟି କାର୍ଯ୍ୟକ୍ଷମ ହେଉନାହିଁ। ସେ ମଧ୍ୟରୁ ଅନ୍ୟତମ ହେଉଛି ଲାଞ୍ଜିଗଡ ସହରର ପ୍ରଧାନୀପଡା। ଏହି ସହରର ମୁଖ୍ୟଛକ ଯୁଗଳ କମ୍ପ୍ଲେକ୍ସ ଠାରୁ ବେଦାନ୍ତ କାରଖାନାକୁ ଯିବା ରାସ୍ତାରେ ଆଜି କି ଦୁଇ ବର୍ଷ ହେଲା ପାଇପରେ ପାଣି ଆସୁନାହିଁ। ଗୋଟିଏ ବାଲଟି ପାଣିକୁ ୧୦ ଟଙ୍କା ଦେଇ ପାଣି ବ୍ୟବହାର କରୁଛନ୍ତି ଲୋକେ। ଏହି ଅସୁବିଧାକୁ ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କର୍ଣ୍ଣପାତ କରୁନାହିଁ ପ୍ରଶାସନ। ସେହିଭଳି ପାହାଡ଼ ପଦର ଓ ବୋର ପଦର ଗାଁରେ ଓଭର ହେଡ ଟାଙ୍କି ନିର୍ମାଣର ୩/୪ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସେଠାରେ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଇପାରି ନାହିଁ ୪୦୦ ଶହ ପରିବାର ଜଳ କଷ୍ଟ ଭୋଗୁଛନ୍ତି। ସେହିପରି ଏକ ମାସ ହେଲା ମୁଷାନାଳ ଓ ବନ୍ଧପାରି ଗାଁରେ ଜଳ ଯୋଗାଣ ବନ୍ଦ ରହୁଛି। ଯାହା ଫଳରେ ୪୩୫ ପରିବାର ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ୨୦୧୯ ମସିହାରେ ବସନ୍ତ ପଡ଼ାରେ ବସୁଧା ନିର୍ମାଣ ହୋଇଥିବା ବେଳେ ୧୭୫ ପରିବାର ଏହା ଉପରେ ନିର୍ଭର କରିଥାନ୍ତି। ହେଲେ କିଛି ମାସ କାର୍ଯ୍ୟକ୍ଷମ ହେବା ପରେ ୫ ବର୍ଷ ହେଲା ନିମ୍ନମାନର ପାଇପ ଲାଇନ ଯୋଗୁଁ ପାଇପ ଫାଟି ଜଳ ଯୋଗାଣ ବନ୍ଦ ରହିଛି। ସେହିପରି ବାତେଲିମାରେ ଠାରେ 'ବସୁଧା'ରେ ଜଳ ଯୋଗାଣ ବନ୍ଦ ଥିବା ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ନୂତନ ଭାବେ ଦୁଇ ବର୍ଷ ହେଲା ୧୬୦ରୁ ଉର୍ଦ୍ଧ୍ୱ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଲିଟିବୁନ୍ଦେଲ, ପାକିବାହିଲି, ଧଡେଲ, ପେଙ୍ଗସୁର, ତାଲାଙ୍ଗସୁର, ଲାଞ୍ଜିଗଡ଼, ସିମେଲଭଟା, ଚ ଚ ଗାଁ, ଗୋଇପିଟା, ଟାଙ୍ଗନ କଣା ଭଳି ବିଭିନ୍ନ ଗ୍ରାମରେ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲିଛି। ଅନ୍ୟ ପକ୍ଷରେ ଲାଞ୍ଜିଗଡ଼ ବ୍ଲକରେ ଜଳ ସଙ୍କଟ ଦେଖା ଦେଇଛି। ଲୋକେ ପାଣି ଛଟପଟ ହେଉଛନ୍ତି। ଏ ନେଇ ଗତ ଦଶମ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ଓ ସମିତି ସଭ୍ୟମାନେ ଜଳ ଯୋଗାଣକୁ ନେଇ ଅଭିଯୋଗ କରିଥିଲେ। ଏହା ବ୍ୟତୀତ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ କେହି ଶୁଣୁନଥିବା ଗ୍ରାମବାସୀମାନେ କହିଛନ୍ତି। ଏନେଇ ବ୍ଲକ ଜଳଯୋଗାଣ ବସୁଧା ପ୍ରକଳ୍ପର ଦାୟିତ୍ୱରେ ଥିବା ଯନ୍ତ୍ରୀ ମୋହନ ଚରଣ ସିହାଳଙ୍କୁ ପଚାରିବାରୁ ମୁଁ ତଦନ୍ତ କରି କହିବି ବୋଲି ପ୍ରକାଶ କରିଛନ୍ତି। ଏଣୁ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଲି ଯୋଗାଣ ବିବାଦରକୁ ନେଇ ଯୁବକଙ୍କୁ ଗୁଳି ମାଡ଼ କରିବା ସହିତ ପଥରରେ ଛେଚି ହତ୍ୟା :୨ ଅଟକ



**ଢେଙ୍କାନାଳ,(ଡିକେ ନ୍ୟୁଜ):** ଢେଙ୍କାନାଳରେ ରବିବାର ବିଳମ୍ବିତ ରାତିରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ। ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଗୁଳି ମାଡ଼ କରିବା ସହିତ ମୁଣ୍ଡକୁ ଛେଚି ଅତି ଜଘନ୍ୟ ଭାବେ ହତ୍ୟା କରିଛନ୍ତି। ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଜୟଗୋପାଳ ସାହି ସ୍କୁଲ ନିକଟରେ ଘଟିଛି ଏହି ହତ୍ୟାକାଣ୍ଡ। ସ୍ଥାନୀୟ ଯୁବକ ମହେଶ୍ୱର ବେହେରା ଓରଫ ଟିଟନ ନାମକ ଯୁବକଙ୍କୁ ପ୍ରଥମେ ଗୁଳି ମାଡ଼ କରିବା ପରେ ଘୋସାରି ଘୋସାରି ନେଇ ମୁଣ୍ଡକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାକାଣ୍ଡ ଘଟାଇ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, କାରିଗର ସାହିର ମହେଶ୍ୱର ବେହେରା ଓରଫ ଟିଟନ ତାର ତିନି ଚାରିଜଣ ସାଥି ସହିତ ଜୟଗୋପାଳ ସାହି ସ୍କୁଲ ନିକଟରେ ବସିଥିଲେ। ରାତି ପ୍ରାୟ ୧୧ଟା ବେଳକୁ କିଛି ଯୁବକ ବାଇକରେ ଆସି ତାଙ୍କ ଉପରକୁ ଅଚାନକ ଗୁଳି ଚଳାଇଥିଲେ। ଟିଟନଙ୍କ ଗୋଡରେ ୨ ରାଉଣ୍ଡ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ଖସି ପଡ଼ିଥିଲେ। ଘଟଣାଟି ତାଙ୍କ ଘରଠାରୁ ଅଳ୍ପ ଦୂରରେ ଘଟିଥିବାରୁ ଗୁଳି ଶବ୍ଦ ଶୁଣି ତାଙ୍କ ସ୍ତ୍ରୀ ବାହାରକୁ ଦୌଡି ଆସିଥିଲେ। ଟିଟନ ଜୀବନ ବିକଳରେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଯୁବକମାନେ ତାଙ୍କୁ ଘୋଷାଡି ନେଇ ସେଠାରୁ କିଛି ଦୂରରେ ମୁଣ୍ଡକୁ ପଥରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ୍ ଘଟଣାର ତଦନ୍ତ କରୁଥିବା ବେଳେ ବାଲି ଯୋଗାଣକୁ ନେଇ ପୂର୍ବରୁ ବିବାଦ ରହିଥିଲା। ଯାହାକୁ ନେଇ ଗତ ଦୁଇ ମାସ ପୂର୍ବେ ଏହି ଅଭିଯୁକ୍ତମାନେ ଟିଟନକୁ ମଧ ଆକ୍ରମଣ କରିଥିଲେ। ଏପରିକି ସ୍ଥାନୀୟ ଅଞ୍ଚଳର ଅନ୍ୟୁନ ୧୦ଜଣ ଯୁବକ ତାଙ୍କ ସ୍ୱାମୀଙ୍କୁ ଅତି ଜଘନ୍ୟ ଭାବେ ହତ୍ୟା କରିଥିବା ମୃତ ଟିଟନର ପତ୍ନୀ ଅଭିଯୋଗ କରିଛନ୍ତି। ଏହି ହତ୍ୟାକାଣ୍ଡ ପରେ ସଂପୃକ୍ତ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ଅଭିଯୋଗକୁ ଆଧାର କରି ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ। ହତ୍ୟାକାଣ୍ଡ ସ୍ଥଳରୁ ଦୁଇଟି ଫୁଟନ୍ତା ଗୁଳିର ଖୋକା, ରକ୍ତଲଗା ପଥର, ଏକ ଗାମୁଛା ଜବତ କରିଛି ପୁଲିସ। ତେବେ ମୃତକ ଟିଟନ ନାମରେ ମଧ ଥାନାରେ ଅପରାଧିକ ମାମଲା ରହିଥିବା ଜଣାପଡିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁଇଜଣ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରୁଛି ପୁଲିସ। ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଛାନ ଭିନ କରୁଥିବା ବେଳେ ଏହି ହତ୍ୟାକାଣ୍ଡରେ ୧୦ରୁ ୧୨ଜଣ ସମ୍ପୃକ୍ତ ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି।

## ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି



**ଭଞ୍ଜନଗର,(ଡିକେ ନ୍ୟୁଜ):** ଭଞ୍ଜନଗରରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ସମୁଦାୟ ୧୦୯ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଆଜିର ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ୧୦୪ଟି ଥିବାବେଳେ, ଗ୍ରାମୀୟ ଅଭିଯୋଗ ୫ଟି ଥିଲା, ଜିଲ୍ଲାପାଳ ତ୍ୱରିତ ୬ଟି ଅଭିଯାଗର ଫଇସଲା କରିଥିଲେ। ମୁଖ୍ୟମନ୍ତ୍ରୀ ରିଲିଫି ପାଣ୍ଠିରୁ ଜଣଙ୍କୁ ତିରିଶି ହଜାର ଟଙ୍କା ହିସାବରେ ଦୁଇ ଜଣଙ୍କୁ ଷାଠିଏ ହଜାର ଟଙ୍କା ଏବଂ ଆଉ ଜଣଙ୍କୁ ପନ୍ଦର ହଜାର ଟଙ୍କା ଏବଂ ଅନ୍ୟ ତିନି ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ଚାଳିଶି ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ସମୟରେ, ଅଭିଯୋଗ ଗୁଡିକ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଉଟି କାର୍ଡ ବାର୍ଦ୍ଧକ୍ୟ ଭତ୍ତା, ଭୂମିହୀନଙ୍କ ପାଇଁ ବସୁନ୍ଧରା ଯୋଜନାରେ ଜାଗା ଆବଣ୍ଟନ ଉପରେ ମୁଖ୍ୟତଃ ଥିଲା। ଗ୍ରହଣ କରିଥିବା ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକ ରଞ୍ଜନ କୁମାର ଦେ, ଭଞ୍ଜନଗର ଡେପୁଟି କଲେକ୍ଟର ସୁମନ ଘୋଷ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ତହସିଲଦାର ଅବିନାଶ ମହାର, ଭଞ୍ଜନଗର ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପୂର୍ତ୍ତ ବିଭାଗ ଏସଡିଓ ଭଞ୍ଜନଗର ପ୍ରତାପ ନାୟକ, ଭଞ୍ଜନଗର, ବିଜ୍ଞାପିତ ଅଞ୍ଚଳ ଭଞ୍ଜନଗର କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଭଂଜନଗର, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ବଂଶଧାରା ନଦୀରେ ୭.୫ ଲକ୍ଷ ମାଛ ଯାଆଁଳା ଛଡ଼ାଗଲା



**ରାୟଗଡ଼ା,(ଡିକେ ନ୍ୟୁଜ):** ରାୟଗଡା ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ବଂଶଧାରା ନଦୀରେ ୭ ଲକ୍ଷ ୫୦ ହଜାର ମାଛ ଯାଆଁଳା ଛଡ଼ାଗଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇଥିଲେ ଏବଂ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସରପଞ୍ଚ, ଉଲ୍କଂବା ମେନକା ସବର, ଏମବିକେ, ସିଆରପି, ରାମନାଗୁଡ଼ା, ରାମନାଗୁଡ଼ା ବ୍ଲକର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ୪୦ରୁ ଉର୍ଦ୍ଧ୍ୱ ମହିଳା ସଦସ୍ୟା, ମତ୍ସ୍ୟ ଚାଷୀ ଏବଂ ମତ୍ସ୍ୟ ବ୍ୟବସାୟୀମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ସଭାପତିତ୍ୱ କରିଥିବା ବେଳେ, ବିଭିନ୍ନ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନଦୀ ଭଣ୍ଡାରରୁ ମାଛ ବଂଶ ଧୀରେ ଧୀରେ ଲୋପ ପାଇଯାଉଥିବାରୁ ସରକାରଙ୍କ ଦ୍ୱାରା ଏହି ନଦୀ ଭଣ୍ଡାରରେ ମାଛ ଜାଆଁଳା ଛାଡିବା କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ। ଯାହାକି ନଦୀରୁ ମାଛ ଧରି ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କର ଆୟ ବୃଦ୍ଧି କରିବାରେ ନିଶ୍ଚିତ ରୂପେ ସହାୟକ ହେବ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




**ସୁବର୍ଣ୍ଣପୁର,(ଡିକେ ନ୍ୟୁଜ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୦ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଭା ସହ ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

### ଗଜପତିରେ ଆମ୍ବୁଲାନ୍ସ ସେବା ଲକ୍ଷ୍ୟ ଠାରୁ ବହୁ ଦୂରରେ

# ୪୦ କିମି ଦୂରରେ ଥିବା ଆମ୍ବୁଲାନ୍ସ ୨୧ ଘଣ୍ଟା ପରେ ପହଞ୍ଚିଲା

**ପାରଳାଖେମୁଣ୍ଡି,(ଡିକେ ନ୍ୟୁଜ):** ଗଜପତି ଜିଲ୍ଲାର ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ମୂଳ ଲକ୍ଷ୍ୟ ଠାରୁ ବହୁ ଦୂରରେ ରହିଥିବା ଲକ୍ଷ୍ୟ କରାଯାଇଛି। କୌଣସି ଏକ ରୋଗରେ ଜଣେ ବ୍ୟକ୍ତି ଗୁରୁତର ହୋଇ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲ୍ଲାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ରେଫେର ହୋଇ ଯିବା ପାଇଁ ସରକାରୀ ଆମ୍ବୁଲାନ୍ସର ସାହାର୍ଯ୍ୟ ମାଗିଥିଲେ। ହେଲେ ମାତ୍ର ୪୦ କିମି ଦୂରରେ ଥିବା ସରକାରୀ ଆମ୍ବୁଲାନ୍ସଟି ପହଞ୍ଚିବା ପାଇଁ ୨୧ ଘଣ୍ଟା ସମୟ ଲାଗିଥିଲା। ଦୀର୍ଘ ଏତେ ସମୟ ଧରି ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ରୋଗୀ ଜଣକ ବହୁ ଦୁଃଖ ଯନ୍ତ୍ରଣା ପାଇଥିଲେ। ଘଟଣାରୁ ପ୍ରକାଶ, ଏହି ଜିଲ୍ଲାର ଆର, ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂଆଗଡ ବ୍ଲକ ଅନ୍ତ ମାର୍ଳବା ଗ୍ରାମର ରବିନ୍ଦ୍ର ରଇତ ଶନିବାର ମଧ୍ୟାହ୍ନରେ କୌଣସି ଏକ ରୋଗରେ ଗୁରୁତର ହୋଇ ଭର୍ତ୍ତି ହୋଇଥିଲେ। ତାଙ୍କୁ ରାମଗିରି ଚିକିତ୍ସାକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ସୁଦ୍ଧା ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ରେଫର୍ କରାଯାଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ୧୦୮ ଆମ୍ବୁଲାନ୍ସକୁ ୭ ରୁ ୮ ଥର ଯୋଗାଯୋଗ କରିଥିଲେ। ଦୀର୍ଘ ଘଣ୍ଟା ଅପେକ୍ଷା କଲେ। ତଥାପି ଆମ୍ବୁଲାନ୍ସ ପହଞ୍ଚିନଥିଲା ବୋଲି ଅଭିଯୋଗ କରିଛନ୍ତି ସମ୍ପର୍କୀୟ । ଏ ସମ୍ପର୍କରେ ଡାକ୍ତର ବ୍ରଜରାଜ କରଙ୍କୁ ପଚାରି ବୁଝିବାରୁ କହିଥିଲେ ସେ ନିଜେ ମଧ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଚନ୍ଦ୍ରଗିରି ମେଡ଼ିକାଲରେ ଆମ୍ବୁଲାନ୍ସ ଥାଇ ମଧ କାହିଁକି ପ୍ରାୟ ୪୦ କିମି ଦୂର ମଧ୍ୟରେ ଥିବା ରାମଗିରି ଡାକ୍ତରଖାନାକୁ ଆମ୍ବୁଲାନ୍ସ ପହଞ୍ଚିଲା ନାହିଁ। ସେ ନେଇ ତଦନ୍ତ ଆବଶ୍ୟକ। ହେଲେ ପରିଶେଷରେ ଆମ୍ବୁଲାନ୍ସଟି ରବିବାର ସକାଳ ୯ଟାରେ ପହଞ୍ଚିଥିଲା। ପରେ ଅର୍ଥାତ ଦୀର୍ଘ ୨୧ ଘଣ୍ଟା ପରେ ରୋଗୀକୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚନ୍ଦ୍ରଗିରି ଠାରୁ ରାମଗିରି ଡାକ୍ତରଖାନାକୁ ଆମ୍ବୁଲାନ୍ସ ଆସିବା ପାଇଁ ୩୦ ରୁ, ୪୦ କିମି ଦୂର ରାସ୍ତାରେ ଆମ୍ବୁଲାନ୍ସ ପହଞ୍ଚିବାକୁ ୧ ଘଣ୍ଟା ସମୟ ଲାଗିବ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଦୀର୍ଘ ୨୧ ଘଣ୍ଟା ପରେ ଆମ୍ବୁଲାନ୍ସ ପହଞ୍ଚିବା ଯୋଗୁଁ ଗୁରୁତର ରୋଗୀ ଜଣକ ବହୁ ଦୁଃଖ କଷ୍ଟ ପାଇଥିଲେ। ୧ ଘଣ୍ଟାର ରାସ୍ତା ପହଞ୍ଚିବା ପାଇଁ ୨୧ ଘଣ୍ଟା କାହିଁକି ଲାଗିଲା ସେ ନେଇ ବିହିତ ତଦନ୍ତ କରି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

ଡୁମାଣୀ ଖବର

ଆମ ଅଞ୍ଚଳ



ମଙ୍ଗଳବାର, ୨୨ ଏପ୍ରିଲ, ୨୦୨୫

# ୧୬ଦଫା ଦାବିନେଇ ମାନବ ଅଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ




ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଦକ୍ଷିଣ ଓଡିଶାର ଏକ ମାତ୍ର ନିର୍ଭରଯୋଗ୍ୟ ସରକାରୀ ମେଡିକାଲ ଭାବେ ଏମକେସିଜି ମେଡିକାଲକୁ ଦୈନିକ ହଜାର ହଜାର ରୋଗୀ ଚିକିତ୍ସା ଆଶାରେ ଆସୁଥିଲେ ବି ବିଭିନ୍ନ ବିଭାଗରେ ଚିକିତ୍ସା ଜନିତ ଅବହେଳା ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଚରମ ସ୍ତରରେ ପହଁଚିଛି। ମୁଖ୍ୟତଃ ଆମ୍ବୁଲାନ୍ସ, କାଜୁଆଲିଟି ଓ ବ୍ଲଡ଼ ବ୍ୟାଙ୍କରେ ଦଲାଲମାନଙ୍କ ସକ୍ରିୟତା ଏକ ବିରାଟ ସମସ୍ୟା ଭାବେ ଦେଖାଦେଇଛି। ବର୍ଣ୍ଣ କେୟାର ୟୁନିଟ ଖୋଲିବା, ଆଡ଼ଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସକୁ ଚାଲୁ ରଖିବା, ସିସିଟିଭି ଫୁଟେଜ ମାଧ୍ୟମରେ ଦଲାଲମାନଙ୍କୁ ଠାବ କରି ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ଓ ମାଇକ ମାଧ୍ୟମରେ ଦଲାଲମାନଙ୍କ ଠାରୁ ବର୍ତ୍ତିବା ପାଇଁ ପ୍ରଚାର କରିବା, ଡାଏଲିସିସ ବିଭାଗରେ ଲୋ କଣ୍ଡିସନ କିଡ଼ନୀ ରୋଗୀଙ୍କ ପାଇଁ ଦୀର୍ଘ ୪ବର୍ଷରୁ ବନ୍ଦ ପଡ଼ିଥିବା ଦୁଇଟି ସ୍ଲେଡ଼ ମେସିନ କାର୍ଯ୍ୟକାରୀ କରିବା, ବ୍ଲଡ଼ ବ୍ୟାଙ୍କରେ ରକ୍ତର ଅଭାବକୁ ଦୂର କରିବା ପାଇଁ ନିୟମିତ ଭାବେ ରକ୍ତଦାନ କ୍ୟାମ୍ପ ଆୟୋଜନ କରିବା, କାଜୁଆଲିଟି ବିଭାଗରେ ଏକ୍ସରେ ମେସିନ ସ୍ଥାପନ କରିବା, ରୋଗୀଙ୍କ ସୁବିଧା ପାଇଁ ସମସ୍ତ ଲିଫ୍ଟ ଚାଲୁ କରିବା, କାଜୁଆଲିଟିରେ ବେଡ଼ ସଂଖ୍ୟା ବୃଦ୍ଧି କରିବା, କର୍କଟ ବିଭାଗରେ ଡାକ୍ତରଙ୍କ ଅନୁପସ୍ଥିତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା, ମହାପ୍ରୟାଣ ସେବା ବଦଳରେ ଘରୋଇ ଗାଡି ପ୍ରୋତ୍ସାହନ ଦେବା ବନ୍ଦ କରିବା, ଏଆରଟି ସେଣ୍ଟରରେ ସିଡି-୪ ମେସିନକୁ ମରାମତି କରିବା, ମଧୁମେହ ରୋଗୀଙ୍କ ପାଇଁ ଏଚବିଏ-୧ସି ପରୀକ୍ଷା ମେସିନକୁ ମରାମତି କରିବା, ସିଟି ସ୍କାନ ଓ ଏମଆରଆଇ ମେସିନକୁ ବାରମ୍ବାର ଖରାପ ଦର୍ଶାଇ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟରକୁ ରୋଗୀ ଚାଲାଣକୁ ବନ୍ଦ କରିବା, ଗ୍ୟାଷ୍ଟ୍ରୋଏ ରୋଲୋଜି ବିଭାଗରେ ଅଧ୍ୟାପକ ନିଯୁକ୍ତି ସହ ଉପକରଣ ଯୋଗାଇବା ଆଦି ୧୬ଗୋଟି ଦାବି କର୍ତ୍ତୃପକ୍ଷଙ୍କ ଠାରେ ଉପସ୍ଥାପନ କରିଛି। ମଞ୍ଚ ଓ ଘରୋଇ ଆମ୍ବୁଲାନ୍ସ, ଲିଫ୍ଟ ପରିଚାଳନା, ମେସିନ ମରାମତି ଆଦି କ୍ଷେତ୍ରରେ ଘରୋଇ ସଂସ୍ଥାମାନଙ୍କ ସହ ସିଧାସଳଖ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସଲାସୁତରାକୁ ଦୃଢ଼ ବିରୋଧ କରିଛି ମଞ୍ଚ। ସ୍ୱାସ୍ଥ୍ୟ ସେବାରେ ଅଧିକରୁ ଅଧିକ ଘରୋଇ ଭାଗିଦାରୀ ଆସନ୍ତା ଦିନରେ ଘରୋକରଣକୁ ପ୍ରୋତ୍ସାହନ ଦେବାକୁ ମଞ୍ଚ ଘୋର ବିରୋଧ କରିଛି। ଆଜିର କାର୍ଯ୍ୟକ୍ରମରେ ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ନେତୃତ୍ୱରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମନୋଜ ତରାଇ, ସାଲ୍ଲା କେଶବ ଲିଙ୍ଗମ, ବିଜୟ କୁମାର ପାଢ଼ୀ, ରମେଶ ପ୍ରସାଦ ଦାସ, କବିରାଜ ସାହୁ, ଆର. ସତ୍ୟ ନାରାୟଣ ରାଓ, ହୃଷିକେଶ ପାତ୍ର, ଆଦିତ୍ୟ ରଥ, କାହ୍ନୁ ଚରଣ ପାତ୍ର, ଜି. ଲଛାୟା ରେଡ୍ଡୀ, କବିରାଜ ସେଠି, ସୂର୍ଯ୍ୟ ଗୌଡ଼ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଦକ୍ଷିଣ ଓଡିଶାବାସୀଙ୍କ ପ୍ରତି ଏ ପ୍ରକାର ସ୍ୱାସ୍ଥ୍ୟ ଗତ ଅବହେଳା ବିରୁଦ୍ଧରେ ଆସନ୍ତା ଦିନରେ ଜନ ଆନ୍ଦୋଳନ ଅଧିକ ସଶକ୍ତ ହେବ ବୋଲି ଶ୍ରୀ ଗୟା ଚେତାବନୀ ଦେଇଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ସ୍ୱାଗତ ସଞ୍ଚଳନ ଅନୁଷ୍ଠିତ



କେନ୍ଦୁଝର, (ଡିକେ ନ୍ୟୁଜ୍): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେନ୍ଦୁଝର ଜିଲ୍ଲା ପକ୍ଷରୁ ସଂଘର ସତବର୍ଷିକୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ସମାବେଶ କେନ୍ଦୁଝର ସହରର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧରଣୀଧର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧ୍ୟକ୍ଷ ମହେନ୍ଦ୍ର କୁମାର ନାୟକ ଏବଂ ମୁଖ୍ୟବକ୍ତା ଭାବେ ସଂଘର ପୂର୍ବ କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ତଥା ଜିଲ୍ଲା ସଂଘ ଚାଳକ ଭାଗିରଥି ପୃଷ୍ଟି, ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ମହାନ୍ତ ଉପସ୍ଥିତ ରହି ସଂଘର ସତବାର୍ଷିକୀ ଉଦ୍ଦେଶ୍ୟରେ ବୌଦ୍ଧିକ ରଖିଥିଲେ। ମୁଖ୍ୟବକ୍ତା ସମାଜରେ ପଞ୍ଚ ପରିବର୍ତ୍ତନ ପାଇଁ ଜାଗରଣ ସୃଷ୍ଟି କରିବା ନିମନ୍ତେ ସ୍ୱାୟଂସେବକ ଓ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଜିଲ୍ଲାର ୧୭ଟି ଖଣ୍ଡ ଏବଂ ନଗରରୁ ୧୨ ସହରୁ ଉର୍ଦ୍ଧ୍ୱ ସ୍ୱାୟଂସେବକ ଉପସ୍ଥିତ ରହି ଏହି ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସହରର ତିନୋଟି ମାର୍ଗରୁ ପଥ ସଞ୍ଚଳନ ଆରମ୍ଭ ହୋଇ ନଗର ପରିକ୍ରମା କରି ଷ୍ଟାଡିଅମ ଠାରେ ପହଞ୍ଚି ଥିଲେ। ଏହି ପଥ ସଞ୍ଚଳନ ଚାଲିଥିବା ବେଳେ ବିଭିନ୍ନ ସ୍ଥାନରେ ସହରବାସୀଙ୍କ ପକ୍ଷରୁ ସ୍ୱାଗତ କରିବା ସହିତ ପୁଷ୍ପ ବୃଷ୍ଟି କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ଼ଃ.ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ତଥା ଜିଲ୍ଲାର ବିଭିନ୍ନ ସଂଗଠନର ନେତୃବର୍ଗମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଗରିବ, ଅସହାୟ ଲୋକଙ୍କ...

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ପାଇଁ ୧୮ ଜଣଙ୍କୁ ୧୯ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ଏହି ତତ୍କାଳ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ। କେବଳ ଚିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଆସିଥିଲେ। ସମସ୍ତଙ୍କ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକ ସ୍ଥଳେ ଟେଲିଫୋନ୍ ଜରିଆରେ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ଉପସ୍ଥିତ ବରିଷ୍ଠ ସଚିବ ସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ। ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତ୍ୟେକଙ୍କ ମୁହଁରେ ପ୍ରକାଶ ପାଉଥିଲା ଭରସା ଓ ଆତ୍ମ ସନ୍ତୋଷର ଚିହ୍ନ। ଅଭିଯୋଗକାରୀଙ୍କ ମଧ୍ୟରେ ଥିଲେ ସମ୍ବଲପୁରର ଦୀପ୍ତିରାଣୀ ପାଢ଼ୀ। ସେ ତାଙ୍କ ପେନ୍ସନ ସଂକ୍ରାନ୍ତୀୟ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ସମସ୍ୟା ଶୁଣିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମତୀ ପାଢ଼ୀ ଗଭୀର ଆତ୍ମସନ୍ତୋଷର ସହ ଘରକୁ ଫେରିଥିଲେ। ସେହିପରି ବରଗଡ଼ ଜିଲ୍ଲା ଡୁଙ୍ଗୁରିବାହାଲର କିଛି ବାସିନ୍ଦା ଆସିଥିଲେ ଡୁଙ୍ଗୁରିବାହାଲ ଜଳସେଚନ ପ୍ରକଳ୍ପରୁ ଜଳସେଚନ ସୁବିଧା କରାଇବା ପାଇଁ। ମୁଖ୍ୟମନ୍ତ୍ରୀ ତୁରନ୍ତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏହାର ସମାଧାନ ପାଇଁ। ମୁଖ୍ୟମନ୍ତ୍ରୀଙ୍କ ଠୁ ଆଶ୍ୱାସନା ପାଇ ସେମାନେ ଖୁସି ମନରେ ଫେରିଥିଲେ। ଏହିପରି ଜଣେ ପରେ ଜଣେ ଅଭିଯୋକାରୀ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଭେଟି ଭରସା ଓ ସନ୍ତୋଷ ନେଇ ଫେରୁଥିଲେ। ସମସ୍ତଙ୍କ ମୁହଁରେ ଥିଲା ଖୁସିର ଲହରୀ କାରଣ ମୁଖ୍ୟମନ୍ତ୍ରୀ ନିଜେ ତାଙ୍କ ସମସ୍ୟା ଶୁଣିଛନ୍ତି ଓ ସମାଧାନର ବ୍ୟବସ୍ଥା ମଧ୍ୟ କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ପଞ୍ଚାୟତିରାଜ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ।

### ପ୍ରଶାସନିକ ସେବା...

କରିଥିଲେ ଯେ ଶାସନର ଗୁଣବତ୍ତା କେବଳ ଯୋଜନା ଆରମ୍ଭ ଦ୍ୱାରା ନିର୍ଦ୍ଧାରିତ କରାଯାଏ ନାହିଁ, ବରଂ ଏହି ଯୋଜନାଗୁଡ଼ିକ ଲୋକଙ୍କ ପାଖରେ କେତେ ଗଭୀର ଭାବରେ ପହଞ୍ଚିଛି ଏବଂ ଏହାର ପ୍ରକୃତ ପ୍ରଭାବ ଦ୍ୱାରା ନିର୍ଦ୍ଧାରିତ କରାଯାଏ। ପ୍ରଧାନମନ୍ତ୍ରୀ ରାଜକୋଟ, ଗୋମତି, ତିନସୁକିଆ, କୋରାପୁଟ ଏବଂ କୁପୱାଡା ଭଳି ଜିଲ୍ଲାରେ ଦୃଶ୍ୟମାନ ପ୍ରଭାବ ବିଷୟରେ ଉଲ୍ଲେଖ କରିଥିଲେ, ଯେଉଁଠାରେ ସ୍କୁଲ ଉପସ୍ଥାନ ବୃଦ୍ଧି ଠାରୁ ଆରମ୍ଭ କରି ସୌରଶକ୍ତି ଗ୍ରହଣ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହୋଇଛି। ସେ ଏହି ପଦକ୍ଷେପଗୁଡ଼ିକ ସହିତ ଜଡିତ ଜିଲ୍ଲା ଏବଂ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇଥିଲେ, ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟ ଏବଂ ବିଭିନ୍ନ ଜିଲ୍ଲା ଦ୍ୱାରା ପ୍ରାପ୍ତ ପୁରସ୍କାରକୁ ସ୍ୱୀକାର କରିଥିଲେ। ଗତ ୧୦ ବର୍ଷ ମଧ୍ୟରେ ଭାରତ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ପରିବର୍ତ୍ତନରୁ ପ୍ରଭାବଶାଳୀ ରୂପାନ୍ତର ଆଡ଼କୁ ଅଗ୍ରଗତି କରିଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ଦେଶର ଶାସନ ମଡେଲ ବର୍ତ୍ତମାନ ପରବର୍ତ୍ତୀ ପିଢ଼ିର ସଂସ୍କାର, ସରକାର ଏବଂ ନାଗରିକଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ପ୍ରଯୁକ୍ତି ବିଦ୍ୟା ଏବଂ ଅଭିନବ ଅଭ୍ୟାସ ଗୁଡ଼ିକର ଉପଯୋଗ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ସଂସ୍କାର ଗୁଡ଼ିକର ପ୍ରଭାବ ଗ୍ରାମୀଣ, ସହରାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ସେ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ସଫଳତା ଉପରେ ମନ୍ତବ୍ୟ ଦେଇଥିଲେ ଏବଂ ଆକାଂକ୍ଷୀ ବ୍ଲକ୍ ଗୁଡ଼ିକର ସମାନ ଉଲ୍ଲେଖନୀୟ ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ମନେ ପକାଇ ଦେଇଥିଲେ ଯେ, ଏହି କାର୍ଯ୍ୟକ୍ରମ ଜାନୁଆରୀ ୨୦୨୩ ରେ ଆରମ୍ଭ ହୋଇଥିଲା ଏବଂ ମାତ୍ର ଦୁଇ ବର୍ଷ ମଧ୍ୟରେ ଅଭୂତପୂର୍ବ ଫଳାଫଳ ଦେଖାଇଛି, ଯାହା ଏହି ବ୍ଲକ୍ ଗୁଡ଼ିକରେ ସ୍ୱାସ୍ଥ୍ୟ, ପୁଷ୍ଟିସାର, ସାମାଜିକ ବିକାଶ ଏବଂ ମୌଳିକ ଭିତ୍ତିଭୂମି ଭଳି ସୂଚକାଙ୍କରେ ଉଲ୍ଲେଖନୀୟ ପ୍ରଗତିକୁ ଉଲ୍ଲେଖ କରିଛି। ପରିବର୍ତ୍ତନମୂଳକ ରୂପାନ୍ତରଣର ଉଦାହରଣ ଦେଇ ସେ କହିଥିଲେ ଯେ, ରାଜସ୍ଥାନର ଟୋଙ୍କ ଜିଲ୍ଲାର ପିପଲୁ ବ୍ଲକରେ, ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ପିଲାମାନଙ୍କର ମାପ ଦକ୍ଷତା ୨୦% ରୁ ୯୯%କୁ ଅଧିକ ବୃଦ୍ଧି ପାଇଛି। ସେ ଆହୁରି କହିଛନ୍ତି ଯେ ଜାମ୍ମୁ ଏବଂ କାଶ୍ମୀରର ମାରୱା ବ୍ଲକରେ, ସଂସ୍ଥାଗତ ବିତରଣ ୩୦%ରୁ ୧୦୦% ଏବଂ ଝାଡଖଣ୍ଡର ଗୁରଡିହ ବ୍ଲକରେ, ଟ୍ୟାପ୍ ପାଣି ସଂଯୋଗ ୧୮%ରୁ ୧୦୦%କୁ ବୃଦ୍ଧି ପାଇଛି। ସେ ଜୋର ଦେଇ କହିଥିଲେ ଯେ, ଏଗୁଡ଼ିକ କେବଳ ପରିସଂଖ୍ୟାନ ନୁହେଁ ବରଂ ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ସରକାରଙ୍କ ସଂକଳ୍ପର ପ୍ରମାଣୟ ସଠିକ୍ ଉଦ୍ଦେଶ୍ୟ, ଯୋଜନା ଏବଂ କାର୍ଯ୍ୟାନ୍ୱୟନ ସହିତ, ଦୂରଦୂରାନ୍ତ ଅଞ୍ଚଳରେ ମଧ୍ୟ ପରିବର୍ତ୍ତନ ସମ୍ଭବ, ସେ ଆହୁରି କହିଥିଲେ। ଗତ ଦଶନ୍ଧିରେ ଭାରତର ସଫଳତା ଉପରେ ଗୁରୁତ୍ୱାରୋପ କରି, ପରିବର୍ତ୍ତନକାରୀ ରୂପାନ୍ତରଣ ଏବଂ ଦେଶର ନୂତନ ଶିଖର ହାସଲ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦି କହିଥିଲେ, ଭାରତ ଏବେ କେବଳ ଅଭିବୃଦ୍ଧି ପାଇଁ ନୁହେଁ, ବରଂ ଶାସନ, ସ୍ୱଚ୍ଛତା ଏବଂ ନବସୃଜନରେ ନୂତନ ମାନଦଣ୍ଡ ସ୍ଥାପନ ପାଇଁ ସ୍ୱୀକୃତି ପାଇଛି। ସେ ଭାରତର ଜି୨୦ ଅଧ୍ୟକ୍ଷତାକୁ ଏହି ଉନ୍ନତିର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଭାବରେ ଚିହ୍ନଟ କରି ଉଲ୍ଲେଖ କରିଥିଲେ ଯେ, ଏ୨୦ ଇତିହାସରେ ପ୍ରଥମ ଥର ପାଇଁ, ୬୦ ରୁ ଅଧିକ ସହରରେ ୨୦୦ ରୁ ଅଧିକ ବୈଠକ ଅନୁଷ୍ଠିତ ହୋଇଥିଲା, ଯାହା ଏକ ବ୍ୟାପକ ଏବଂ ସମାବେଶୀ ପାଦଚିହ୍ନ ସୃଷ୍ଟି କରିଥିଲା। ସେ ଗୁରୁତ୍ୱାରୋପ କରିଥିଲେ ଯେ କିପରି ଜନଭାଗୀଦାରୀର ଆଭିମୁଖ୍ୟ ଜି୨୦କୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲା। ବିଶ୍ୱ ଭାରତର ନେତୃତ୍ୱକୁ ସ୍ୱୀକାର କରିଛି; ଭାରତ କେବଳ ଅଂଶଗ୍ରହଣ କରୁନାହିଁ, ନେତୃତ୍ୱ ନେଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ସରକାରୀ ଦକ୍ଷତା ସମ୍ପର୍କରେ ବଢୁଥିବା ଆଲୋଚନା ଉପରେ ଆଲୋକପାତ କରି କହିଥିଲେ ଯେ ଭାରତ ଏହି କ୍ଷେତ୍ରରେ ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ୧୦-୧୧ ବର୍ଷ ଆଗରେ। ସେ ବିଗତ ୧୧ ବର୍ଷ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ହେଉଥିବା ବିଳମ୍ବ ଦୂର କରିବା, ନୂତନ ପ୍ରକ୍ରିୟା ପ୍ରଚଳନ କରିବା ଏବଂ କାର୍ଯ୍ୟ ସମାପ୍ତି ସମୟ ହ୍ରାସ କରିବା ପାଇଁ କରାଯାଇଥିବା ପ୍ରୟାସ ବିଷୟରେ ମତ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ବ୍ୟବସାୟର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ୪୦,୦୦୦ରୁ ଅଧିକ ଅନୁପାଳନକୁ ହଟାଇ ଦିଆଯାଇଛି ଏବଂ ୩,୪୦୦ରୁ ଅଧିକ ଆଇନଗତ ବ୍ୟବସ୍ଥାକୁ ଅପରାଧ ମୁକ୍ତ କରାଯାଇଛି। ଏହି ସଂସ୍କାର ସମୟରେ ସମ୍ମୁଖୀନ ହୋଇଥିବା ପ୍ରତିରୋଧକୁ ସେ ମନେ ପକାଇଥିଲେ ଏବଂ ସମାଲୋଚକମାନେ ଏପରି ପରିବର୍ତ୍ତନର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇଥିଲେ। ତଥାପି, ସେ ଜୋର ଦେଇ କହିଥିଲେ ଯେ ସରକାର ଚାପର ବଶବର୍ତ୍ତୀ ହୋଇନାହାଁନ୍ତି, ନୂତନ ଫଳାଫଳ ହାସଲ ପାଇଁ ନୂତନ ପଦ୍ଧତି ଅତ୍ୟନ୍ତ ଜରୁରୀ। ଏହି ପ୍ରୟାସ ଯୋଗୁଁ ଭାରତର ସହଜ ବ୍ୟବସାୟ ରାଙ୍କିଂରେ ଉନ୍ନତି ଉପରେ ସେ ଆହୁରି ଆଲୋକପାତ କରିଥିଲେ ଏବଂ ଭାରତରେ ନିବେଶ ପାଇଁ ବିଶ୍ୱବ୍ୟାପୀ ଉତ୍ସାହ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ରାଜ୍ୟ, ଜିଲ୍ଲା ଏବଂ ବ୍ଲକସ୍ତରରେ ଲାଲଫିତାକୁ ଦୂର କରି ଏହି ସୁଯୋଗର ଫାଇଦା ଉଠାଇବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ ଯାହା ଦ୍ୱାରା ଲକ୍ଷ୍ୟକୁ ପ୍ରଭାବଶାଳୀ ଭାବରେ ହାସଲ କରାଯାଇପାରିବ।

### ପୋପ୍ ଫ୍ରାନ୍ସିସଙ୍କର...

ତାଙ୍କୁ ପୋପ୍ ରୂପେ ଚୟନ କରିଥିଲେ। ୫ ସପ୍ତାହ ଧରି ଚିକିତ୍ସାଧୀନ ଥିବା ପୋପଙ୍କ ସ୍ୱାସ୍ଥ୍ୟାବସ୍ଥା ଅଚାନକ ବିଗିଡ଼ିଥିଲା। ଡାକ୍ତର ସତ ଚେଷ୍ଟା ସତ୍ତ୍ୱେ ପୋପ୍ ଫ୍ରାନସିସ୍‌ଙ୍କୁ ବଞ୍ଚାଇ ପାରିନଥିଲେ। ପୋପ୍‌ଙ୍କୁ ହରାଇ ଶୋକରେ ବୁଡିଛନ୍ତି ୧.୪ ଅରବ କଥୋଲିକ। ଗୋଟିଏ ଦିନ ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ତାଙ୍କୁ ସାକ୍ଷାତ କରିଥିଲେ। ପୋପ୍ ଫ୍ରାନସିସ୍‌ଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଶୋକ ପ୍ରକାଶ କରିଛନ୍ତି। ପୋପ୍ ଫ୍ରାନସିସ୍ ସର୍ବଦା ରହୁଁଥିଲେ ଚର୍ଚ୍ଚ ଗରିବଙ୍କ ପାଇଁ ଆଶା ଓ ଖୁସି ଆଣୁ। ଏହା ଲୋକଙ୍କୁ ଏକାଠରେ ବାନ୍ଧି ରଖେ। ଈଶ୍ୱର କରନ୍ତୁ ପୋପ୍‌ଙ୍କ ପରେ ବି ଏମିତି ଚିନ୍ତାଧାରା ଜାରି ରହୁ। ଏପରି ଦୁଃଖଦ ସମୟରେ ରୋମାନ୍ କାଥଲିକ୍ ଲୋକଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି କହିଛନ୍ତି ଫ୍ରାନ୍ସ ପ୍ରଧାନମନ୍ତ୍ରୀ। ପୋପ୍ ଫ୍ରାନସିସ୍‌ଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏକ୍ସରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ପୋପ୍ ଫ୍ରାନସିସ୍‌ଙ୍କ ବିୟୋଗରେ ମୁଁ ଦୁଃଖିତ। କାଥୋଲିକ୍ ସମ୍ପ୍ରଦାୟକୁ ମୋର ସମବେଦନା ଜଣାଉଛି। କରୁଣା, ନମ୍ରତା ଓ ଆଧ୍ୟାତ୍ମିକତା ପାଇଁ ପୋପ୍ ଫ୍ରାନସିସ୍ ସର୍ବଦା ମନେ ରହିବେ। ଗତ ବର୍ଷ ଜି୭ ସମିଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପୋପ୍ ଫ୍ରାନସିସ୍‌ଙ୍କର ସାକ୍ଷାତ ହୋଇଥିଲା। ତାଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ ଦେଇଥିଲେ ପିଏମ୍ ମୋଦି।

### ପୋପ୍‌ଙ୍କ ବିୟୋଗରେ...

ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପୋପ୍ ଫ୍ରାନ୍ସିସ୍‌ଙ୍କ ଦେହାନ୍ତରେ ମୁଁ ଗଭୀର ମର୍ମାହତ ବୋଲି ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି। ସେ କହିଛନ୍ତି, ପୋପ୍ ଦୟା ଏବଂ ନମ୍ରତା ଭାବ ପାଇଁ ସର୍ବଦା ମନେ ରହିବେ। ସେ ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚର ପ୍ରଥମ ଲାଟିନ୍ ଆମେରିକୀୟ ପାଦ୍ରୀ ଭାବରେ ଜଣାଶୁଣା। ବିଶ୍ୱର ଲକ୍ଷଲକ୍ଷ ଲୋକଙ୍କୁ ଏକତା ଏବଂ ପ୍ରେମର ବାର୍ତ୍ତା ଦେଇଥିଲେ। ବିଶ୍ୱ କ୍ୟାଥୋଲିକ୍ ସମ୍ପ୍ରଦାୟ ପ୍ରତି ମୋର ଆନ୍ତରିକ ସମବେଦନା ଜଣାଉଛି।

### ଚଳିତ ବର୍ଷ ପ୍ରଥମଥର...

ଜିଲ୍ଲାକୁ ଆଦ୍ରତା ଅନୁଭବ ହେବା ନେଇ ଆଲର୍ଟ ଜାରି କରାଯାଇଛି। ଗୁରୁବାର ଏବଂ ଶୁକ୍ରବାର ମଧ୍ୟ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ନୂଆପଡା, ଅନୁଗୋଳ, ସୋନପୁର ଏବଂ ବୌଦ୍ଧ ଜିଲ୍ଲାକୁ ହିଟୱେଭ ଆଲର୍ଟ ଜାରି କରାଯାଇଥିଲା ବେଳେ ଗଜପତି, ଗଂଜାମ, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, ଯାଜପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱର ଜିଲାକୁ ଆଦ୍ରତା ଅନୁଭବ ହେବା ନେଇ ଆଲର୍ଟ ଜାରି କରାଯାଇଛି।

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ...

ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଭାରତ ଗସ୍ତରେ ଆସିଛନ୍ତି। ବର୍ତ୍ତମାନ, ଭାରତ ଏବଂ ଆମେରିକା ଉଭୟ ଆର୍ଥିକ ସୁଯୋଗ ଖୋଲିବାକୁ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାକୁ ଚାହୁଁଛନ୍ତି। ଏହି ଗସ୍ତ ସମୟରେ ଜେଡି ଭାନ୍ସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଅର୍ଥନୀତି, ବାଣିଜ୍ୟ ଏବଂ ଭୂରାଜନୈତିକ ସମ୍ପର୍କ ଉପରେ ଆଲୋଚନା କରିପାରନ୍ତି। ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଏହି ଗସ୍ତ ଦୁଇ ପକ୍ଷକୁ ଦ୍ୱିପାକ୍ଷିକ ସମ୍ପର୍କରେ ପ୍ରଗତି ସମୀକ୍ଷା କରିବାର ସୁଯୋଗ ପ୍ରଦାନ କରିବ ଏବଂ ଦୁଇ ନେତା ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱ ବିକାଶ ଉପରେ ମତ ଆଦାନପ୍ରଦାନ କରିବେ।

### ଗୁଲୁଗୁଳି ସତ୍ତ୍ୱେ...

ମା'ସୀତାରାମ ସାହିକୁ ଯାଇଥିଲେ। ସେଠାରେ ନାଗାର୍ଜୁନ ରଥକୁ ଉନ୍ମୋଚନ କରାଯାଇଥିଲା। ଏହା ପରେ କଂସାରୀ ସାହିକୁ ଯାଇ ପର୍ଶୁରାମ ରଥକୁ ଉନ୍ମୋଚନ କରାଯାଇଥିଲା। ପରେ ମା'ଙ୍କ ଘଟ ପଞ୍ଜରାସାହି ଏବଂ ରାଜ ସାହିକୁ ଯାଇଥିଲେ। ଉଭୟ ସାହିରେ ଆକର୍ଷଣୀୟ କଳାକୁଞ୍ଜକୁ ଉନ୍ମୋଚନ କରିଥିଲେ ମା'। ଏହା ପରେ କେଉଟ ସାହି ହୋଇ ଅସ୍ଥାୟୀ ପୀଠ ଦେଶୀବେହେରା ସାହିକୁ ଫେରିଥିଲା ମା'ଙ୍କ ଘଟ। ପରିକ୍ରମା ବେଳେ ମା'ଙ୍କୁ ସ୍ୱାଗତ କରିବାକୁ ମହିଳାମାନେ ଘର ଦୁଆରେ କୁମ୍ଭ ସ୍ଥାପନ କରିଥିଲେ। ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ, କର୍ପୂର ପାଣି ଢାଳିବା ସହ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ତେବେ ଯାତ୍ରା ଆଉ ୭ ଦିନ ରହିଥିବା ବେଳେ ଏବେ ପ୍ରତି ସାହିରେ ଯାତ୍ରାର ବାତାବରଣ ଦେଖିବାକୁ ମିଳୁଛି। ରଥ ଉନ୍ମୋଚିତ ହୋଇଥିବା ସାହିରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଥିବା ବେଳେ ଅନ୍ୟ ସାହି ପକ୍ଷରୁ ରଥ ଓ କଳାକୁଞ୍ଜ ଉନ୍ମୋଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ସାଲେପୁର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ସାଲେପୁର, (ଡିକେ ନ୍ୟୁଜ୍): ସାଲେପୁରର ସୁନାମଧନ୍ୟ ତଥା ବିଗତ ବର୍ଷରେ ସିବିଏସ୍‌ଇ ବୋର୍ଡ ପରୀକ୍ଷାରେ ଗ୍ରାମାଞ୍ଚଳ ସିବିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟମାନଙ୍କ ମଧ୍ୟରେ ସର୍ବୋତ୍ତମ ଫଳାଫଳ ଆଣି ସିଟିସ୍ତରରେ ପୁରସ୍କୃତ ସାଲେପୁର ପବ୍ଲିକ୍ ସ୍କୁଲ ତା'ର ୨୩ତମ ବାର୍ଷିକ ଉତ୍ସବ 'ସିନର୍ଜିଆ' ଶନିବାର ମହାସମାରୋହରେ ପାଳନ କରିଛି। ଏହି ଅବସରରେ ବିଦ୍ୟାଳୟର ମ୍ୟାନେଜିଂ ଡ଼ିରେକ୍ଟର ଡକ୍ଟର ଜୟନ୍ତୀ ମିଶ୍ର ସ୍ୱାଗତ ଭାଷଣରେ ଅତିଥି ପରିଚୟ ପ୍ରଦାନ ପୂର୍ବକ ଅତିଥିମାନେ ବହୁମୂଲ୍ୟ ସମୟ ଏ ବିଦ୍ୟାଳୟର ପିଲାମାନଙ୍କୁ ଦେଇଥିବାରୁ ଅନୁଷ୍ଠାନ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ। ପାରମ୍ପାରିକତା ଦୃଷ୍ଟିରୁ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଭିରାମ ସାହୁ ବିଦ୍ୟାଳୟର ବିଗତ ବାର୍ଷିକ ତଥ୍ୟ ପ୍ରଦାନ ପୂର୍ବକ ଚଳିତ ଶିକ୍ଷା ବର୍ଷର କାର୍ଯ୍ୟଯୋଜନା ସମ୍ପର୍କିତ ତାଲିକା ଉପସ୍ଥାପନ କରିଥିଲେ। ଇତ୍ୟବସରରେ ମୁଖ୍ୟଅତିଥି ରୂପେ ଯୋଗଦାନ କରି ସାଲେପୁରର ତହସିଲଦାର ଜୟନ୍ତକୁମାର ଜୟସିଂହ ବିଗତ ଦିନମାନଙ୍କରେ ବିଦ୍ୟାଳୟର ଶିକ୍ଷା, ସମାଜସେବା, ସାମାଜିକ ସଚେତନତା, କଳାନୈପୁଣ୍ୟତା ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିଷ୍ଠାପରତା ଆଦିର ଭୂୟସୀ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ବଳରେ ପ୍ରତିଷ୍ଠିତ ହୋଇ ଅନୁଷ୍ଠାନର ଓ ଅଞ୍ଚଳର ସୁନାମ ଆଣିବାର ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବରେ କଟକ ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ ଯଦିଓ ଅନ୍ୟ ଜରୁରୀ କାର୍ଯ୍ୟବସତଃ କାର୍ଯ୍ୟକ୍ରମରେ ଯୋଗଦାନ କରିପାରିନଥିଲେ ତଥାପି ଆଭାସୀ ବାର୍ତ୍ତାରେ ବିଦ୍ୟାଳୟର ପ୍ରତିଷ୍ଠାତା, ମ୍ୟାନେଜିଂ ଡ଼ିରେକ୍ଟର ଓ ଅଧ୍ୟକ୍ଷ ଅଧ୍ୟକ୍ଷଙ୍କୁ ସାଧୁବାଦ ଜଣାଇବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତାର ବିକାଶରେ ସହାୟତା ପାଇଁ ଅଭିଭାବକ ଓ ଶିକ୍ଷକଶିୟିତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସାଲେପୁର ବ୍ଲକ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ବିଦ୍ୟାଳୟର କାର୍ଯ୍ୟଦକ୍ଷତା, ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶିକାଙ୍କ ତତ୍ତ୍ୱାବଧାନ ଦକ୍ଷତା, ଶିକ୍ଷକଶିକ୍ଷତ୍ରୀଙ୍କ କାର୍ଯ୍ୟଶୈଳୀ ଓ କାର୍ଯ୍ୟଧାରା ତଥା ଉତ୍ସବ ପାଳନର ସୁସଂଗଠିତ ଭବ୍ୟ ଆୟୋଜନ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ଶିଶୁ ପ୍ରାଣଦାର ଭୁରିଭୁରି ପ୍ରଶଂସା କରିଥିଲେ।

## ଶ୍ରୀମନ୍ଦିରରେ ରକ୍ତର ଛିଟା, ମହାପ୍ରଭୁଙ୍କ ବଡ ମହାସ୍ନାନ

ପୁରୀ, (ଡିକେ ନ୍ୟୁଜ): ଅବକାଶ ନୀତି ପରେ ଶ୍ରୀମନ୍ଦିରରେ ରକ୍ତର ଛିଟା ଦେଖିବାକୁ ମିଳିବାରୁ ମହାପ୍ରଭୁଙ୍କବଡ଼ ମହାସ୍ନାନ କରାଯାଇଛି। ସୋମବାର ଭୋର ୫ଟା ୫୦ରେ ଶ୍ରୀମନ୍ଦିରର ଦ୍ୱାର ଫିଟିଥିଲା। ସକାଳ ୬ଟା ୨୫ରେ ଭିତରଶୋଧ, ମଇଲମ ପରେ ୬ଟା ୩୫ରେ ହୋଇଥିଲା ମଙ୍ଗଳଆଳତି। ଅବକାଶ ପୂଜା ନୀତି ପରେ ଭିତରକାଠରେ ଦର୍ଶନ ଚାଲୁଥିବା ସମୟରେ ଜଣେ ଓଏସଏପି କର୍ମଚାରୀଙ୍କ ପାଦରେ କାଚ ପସିଯିବାରୁ ରକ୍ତର ଛିଟା ଦୃଷ୍ଟି ଗୋଚର ହୋଇଥିଲା। ତେଣୁ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ବଡ଼ ମହାସ୍ନାନ ପ୍ରକ୍ରିୟା। ସକାଳ ୮ଟା ୫୦ରେ ଧୁଆଧୋଇ ହୋଇ ଚୂନ ପାଣି ପଡ଼ିଥିଲା। ୯ଟାରେ ମେକାପ ସିଂହାସନ ଧୁଆ ଶେଷ କରିବା ପରେ ବଡ଼ ମହାସ୍ନାନ କରାଯାଇଥିଲା। ସକାଳ ୯ଟା ୧୫ରେ ମହାସ୍ନାନ ପୂଜା ଶେଷ ହେବା ପରେ ମହାପ୍ରଭୁଙ୍କ ଅନ୍ୟ ପାରମ୍ପାରିକ ନୀତି ସମ୍ପାଦିତ ହୋଇଥିଲା। ବଡ ମହାସ୍ନାନ ଯୋଗୁଁ ମହାପ୍ରଭୁଙ୍କ ପରବର୍ତ୍ତୀ ନୀତି ବିଳମ୍ବିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



ଅନୁଗୋଳ, (ଡିକେ ନ୍ୟୁଜ୍): ସୋମବାର ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ତାଳଚେର ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ସମୁଦାୟ ୫୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୧ଟି ବ୍ୟକ୍ତିଗତ ଓ ୨୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ବେଉରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ତାଳଚେର ତହସିଲଦାର ଆଲଫା ଜେନା, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପ-ନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ମହିଳାଙ୍କ ଦେଶୀ ମଦ ବିରୋଧୀ ଆନ୍ଦୋଳନ ତେଜିଲା



ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ଗଜପତି ଜିଲ୍ଲାର କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡା ଗ୍ରାମ ଠାରେ ବ୍ୟାପକ ଭାବେ ଚୋରା ଦେଶୀ ମଦ ବିକ୍ରିକୁ ବିରୋଧ କରି ଏକ ରାଲିରେ ସହସ୍ରାଧିକ ମହିଳା ଅଲଡା ଗ୍ରାମ ମଦ ବିରୋଧୀ ନାରା ଦେଇ ପରିକ୍ରମା କରିଥିଲେ। କିଛି ବରିଷ୍ଠ ଗ୍ରାମବାସୀଙ୍କ କହିବା ଅନୁଯାଇ ଅଲଡା ଗ୍ରାମର ବିଭିନ୍ନ ଗଳି କନ୍ଦି ଅବାଧ ଦେଶୀ ମଦ ବିକ୍ରି ହେଉଛି ଯାହାକି ସ୍କୁଲକୁ ଯିବା ଛାତ୍ରମାନେ ମଧ୍ୟ ମଦ୍ୟପାନ କରି ଏଣେ ତେଣେ ବୁଲୁଥିବା ଦୃଷ୍ଟିକୁ ଆସୁଛି। ବିଶେଷ କରି ଚୋରା ମଦ ବିକ୍ରିକୁ ରୋକିବାରେ କାଶୀନଗର ଅବକାରୀ ବିଭାଗ ସମ୍ପୂର୍ଣ୍ଣ ରୂପେ ଅସଫଳ ହୋଇ ସ୍ଥାଣୁ ହୋଇ ରହିଥିବା ଦେଖି ଅଲଡା ଗ୍ରାମର କିଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ଅଲଡା ଗ୍ରାମବାସୀମାନଙ୍କୁ ମଦ୍ୟ ପାନ ଠାରୁ ଦୂରରେ ରହି ଅଲଡା ଗ୍ରାମକୁ ନିଶା ମୁକ୍ତ କରିବା ଲକ୍ଷ ନେଇ ଏକ ବିଶାଳ ସଚେତନ ରାଲି ମା'ମାଉସୀ ଏକ ହେବା ମଦ ବ୍ୟବସାୟ ବନ୍ଦ କରିବା ନାରା ଦେଇ ଇନ୍ଦିରା କଲୋନୀ ଠାରୁ ବାହାରି ଲମତାଗୁଡା ଓ ଭାଲିଆ ଗୁଡା ଦେଇ ଅଲଡା ଗ୍ରାମ ଭିତରେ ମଧ୍ୟ ପରିକ୍ରମା କରି ଚୋରା ମଦ କାରବାର କରୁଥିବା ବ୍ୟକ୍ତି ବିଶେଷଙ୍କୁ ମଦ ବିକ୍ରି ଠାରୁ ନିବୃତ ରହିବା ପାଇଁ ବାର୍ତ୍ତା ଦେଇଥିଲେ। ଏହି ରାଲି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କାଶୀନଗର ଥାନା ଅଧିକାରୀ ସୁନୀଲ କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ପୋଲିସମାନେ ମୁତୟନ ହୋଇଥିଲେ।

# ବିସିସିଆଇ ଜାରି କଲା ବାର୍ଷିକ ଚୁକ୍ତି ତାଲିକା, ଫେରିଲେ ଇଶାନ ଓ ଶ୍ରେୟସ



ନୂଆଦିଲ୍ଲୀ, ୨୧।୪ (ହି.ସ): ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ବା ବିସିସିଆଇ ପକ୍ଷରୁ ବାର୍ଷିକ ଚୁକ୍ତିରେ ଥିବା ଖେଳାଳିଙ୍କ ତାଲିକା ଜାରି କରାଯାଇଛି। ଅନେକ ଷ୍ଟାର ଖେଳାଳି ବିସିସିଆଇର କେନ୍ଦ୍ରୀୟ ଚୁକ୍ତିକୁ ଫେରିଥିବା ବେଳେ କିଛି ଖେଳାଳି କଣ୍ଟ୍ରାକ୍ଟରୁ ବାଦ ପଡ଼ିଛନ୍ତି। ଖେଳାଳିମାନଙ୍କୁ ମୋଟ ୪ଟି ବର୍ଗରେ ରଖାଯାଇଛି। ଭାରତର ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ରୋହିତ ଶର୍ମା ପୂର୍ବ ଭଳି ଏ+ ବର୍ଗରେ ରହିଛନ୍ତି। ସେହିପରି ଷ୍ଟାର ବ୍ୟାଟର ବିରାଟ କୋହଲି, ସ୍ପିଡ ଷ୍ଟାର ଯଶପ୍ରୀତ ବୁମ୍ରା ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ମଧ୍ୟ ବିସିସିଆଇ ପୂର୍ବଭଳି ଏ+ ଅର୍ଥାତ ସର୍ବୋଚ୍ଚ ବର୍ଗରେ ରଖିଛି। ନିୟମ ଅନୁସାରେ, କ୍ରିକେଟର ୩ଟି ଯାକ ଫର୍ମାଟ ଅର୍ଥାତ ଟେଷ୍ଟ, ଦିନିକିଆ ଓ ଟି-୨୦ ମ୍ୟାଚ ଖେଳୁଥିବା ଖେଳାଳିଙ୍କୁ ବିସିସିଆଇ ଏ+ ବର୍ଗରେ ରଖିଥାଏ। ହେଲେ ରୋହିତ, ବିରାଟ ଓ ଜାଡେଜା ୨୦୨୪ ଟି-୨୦ ବିଶ୍ୱକପ ଜିତିବା ପରେ ଏହି ଫର୍ମାଟରୁ ଅବସର ନେଇ ସାରିଛନ୍ତି। ଏବେ ୩ ଖେଳାଳି କେବଳ ଦିନିକିଆ ଓ ଟେଷ୍ଟ କ୍ରିକେଟ ଭାରତ ପାଇଁ ଖେଳୁଛନ୍ତି। ତଥାପି ଏହି ୩ ଖେଳାଳିଙ୍କୁ ଏ+ କ୍ୟାଟାଗୋରୀରେ ରଖାଯାଇଛି। ଘରୋଇ କ୍ରିକେଟ ଖେଳିବାକୁ ମନା କରିବାରୁ ୨୦୨୪ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଶ୍ରେୟସ ଆୟର ଓ ଇଶାନ କିଶନଙ୍କୁ ବିସିସିଆଇ ବାଦ ଦେଇଥିଲା। ହେଲେ ଏବେ ଉଭୟ ବିସିସିଆଇ ସହ ଚୁକ୍ତିବଦ୍ଧ ହୋଇଛନ୍ତି। ଚୁକ୍ତି ବଦ୍ଧ ହୋଇଥିବା ମୋଟ ୩୪ଜଣ ଖେଳାଳିଙ୍କ ମଧ୍ୟରେ ଶ୍ରେୟସ ଓ ଇଶାନଙ୍କ ନାଁ ରହିଛି। ଶ୍ରେୟସ ଆୟର ବି କ୍ୟାଟାଗୋରୀରେ ରହିଥିବା ବେଳେ ଇଶାନଙ୍କୁ ବିସିସିଆଇ ସି ବର୍ଗରେ ରଖିଛି। ଶ୍ରେୟସ ଆୟର ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଦମଦାର ପ୍ରଦର୍ଶନ କରିଥିଲେ। ସେହିପରି ସେ ଭାରତ ଚାମ୍ପିୟନ୍ସ ଟ୍ରଫି ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିସିସିଆଇ ତାଙ୍କୁ ବି ବର୍ଗରେ ରଖିଥିବାରୁ ସେ ବାର୍ଷିକ ୩ କୋଟି ଟଙ୍କା ପାଇବେ। ଇଶାନ ସି ବର୍ଗରେ ଥିବାରୁ ତାଙ୍କ ବାର୍ଷିକ ୧ କୋଟି ଟଙ୍କା ମିଳିବ। ଅଷ୍ଟ୍ରେଲିଆ ଟୁର ଅଧାରେ ଅନ୍ତର୍ଜାତୀୟ କ୍ରିକେଟକୁ ରବିଚନ୍ଦ୍ରନ ଅଶ୍ୱିନ ଅଲବିଦା କହିଥିଲେ।

| ଗ୍ରେଡ ଏ+ |
|---|
| ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ ବୁମ୍ରା ଓ ରବୀନ୍ଦ୍ର ଜାଡେଜା |
| **ଗ୍ରେଡ ଏ** |
| ମହମ୍ମଦ ସିରାଜ, କେଏଲ ରାହୁଲ, ଶୁବମନ ଗିଲ, ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ଶାମି ଓ ଋଷଭ ପନ୍ତ |
| **ଗ୍ରେଡ ବି** |
| ସୂର୍ଯ୍ୟ କୁମାର ଯାଦବ, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୈସୱାଲ ଓ ଶ୍ରେୟସ ଆୟର |
| **ଗ୍ରେଡ ସି** |
| ରିଙ୍କୁ ସିଂହ, ତିଲକ ବର୍ମା, ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ରଜିତ ପାଟିଦାର, ଧ୍ରୁବ ଜୁରେଲ, ସର୍ଫରାଜ ଖାନ, ନୀତୀଶ କୁମାର ରେଡ୍ଡୀ, ଇଶାନ କିଶନ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା। |

ତେଣୁ ବିସିସିଆଇ ତାଙ୍କ ସହ ୨୦୨୫ ବର୍ଷ ପାଇଁ କୌଣସି ଚୁକ୍ତି କରିନାହିଁ। ଅଶ୍ୱିନ ସେଣ୍ଟ୍ରାଲ ଚୁକ୍ତିର ଏ ବର୍ଗରେ ରହିଥିଲେ। ତାଙ୍କ ବଦଳରେ ଏବେ ୱିକେଟ କିପର ବ୍ୟାଟର ଋଷଭ ପନ୍ତଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟର ଏ ବର୍ଗକୁ ପ୍ରମୋସନ ମିଳିଛି। କାର ଦୁର୍ଘଟଣାରେ ଆହତ ହୋଇ ବର୍ଷେରୁ ଅଧିକ ଦିନ କ୍ରିକେଟରୁ ଦୂରେଇ ରହିଥିବା ପନ୍ତଙ୍କୁ ପୂର୍ବରୁ ବିସିସିଆଇ ବି ବର୍ଗରେ ରଖିଥିଲା। ଏବେ ତାଙ୍କର ପ୍ରମୋସନ ହୋଇଛି। ସର୍ଫରାଜ ଖାନ, ନୀତୀଶ କୁମାର ରେଡ୍ଡୀ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା ପ୍ରଥମଥର ପାଇଁ ବିସିସିଆଇର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସାମିଲ ହୋଇଛନ୍ତି। କିନ୍ତୁ ଶାର୍ଦ୍ଦୁଲ ଠାକୁର, ଜିତେଶ ଶର୍ମା, କେଏଲ ଭରତ ଓ ଆଭେଶ ଖାନ ସେଣ୍ଟ୍ରାଲ ଚୁକ୍ତିରୁ ବାଦ ପଡ଼ିଛନ୍ତି। ଏ+ ଚୁକ୍ତିରେ ରହୁଥିବା ଖେଳାଳି ବାର୍ଷିକ ୭ କୋଟି, ଏ ଗ୍ରୁପରେ ଥିବା ଖେଳାଳିଙ୍କୁ ୫ କୋଟି, ବି ଗ୍ରୁପରେ ଥିବା ଖେଳାଳିଙ୍କୁ ୩ କୋଟି ଓ ଗ୍ରୁପ ସି'ରେ ଥିବା ଖେଳାଳିଙ୍କୁ ବିସିସିଆଇ ୧ କୋଟି ଲେଖାଏ ଟଙ୍କା ଦେଇଥାଏ। କେଉଁ ଖେଳାଳି କେଉଁ ଗ୍ରୁପରେ ରହିବେ, ସେକଥା ବସିସିଆଇ ଜାତୀୟ ଚୟନ କମିଟି ସହ ମିଶି ନେଇଥାଏ। ଏ+ ଓ ଏ ଗ୍ରୁପରେ ରହୁଥିବା ଖେଳାଳିମାନେ ସବୁ ଫର୍ମାଟର ସକ୍ରିୟ ସଦସ୍ୟ ଥିବେ କିମ୍ବା ଟେଷ୍ଟ ସହ ସୀମିତ ଓଭରର ଗୋଟିଏ ଫର୍ମାଟରେ ନିୟମିତ ଖେଳୁଥିବେ। ଗ୍ରୁପ ବି'ରେ ସ୍ଥାନ ପାଉଥିବା ଖେଳାଳି ଅତିକମରେ ୨ଟି ଫର୍ମାଟ ଖେଳୁଥିବା ଦରକାର। ସେହିପରି ଗ୍ରୁପ ସି'ର ଖେଳାଳି ସାଧାରଣତଃ ଗୋଟିଏ ଫର୍ମାଟରେ ଖେଳି ଥାଆନ୍ତି।

# ହାଇକୋର୍ଟ ଯିବେ ଆଝାରୁଦ୍ଦିନ



ନୂଆଦିଲ୍ଲୀ, ୨୧।୪ (ହି.ସ): ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡରୁ ଆଝାରୁଦ୍ଦିନଙ୍କ ନାମ ହଟାଇବାକୁ ହାଇଦ୍ରାବାଦ୍ କ୍ରିକେଟ୍ ଆସୋସିଏଶନ (ଏଚସିଏ)ର ଓମ୍ବୁଡସମ୍ୟାନ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବା ଲାଗି ଭାରତର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି। ଏଚସିଏର ସଦସ୍ୟ ଲର୍ଡସ୍ କ୍ରିକେଟ କ୍ଲବ ପକ୍ଷରୁ ଦାଖଲ କରାଯାଇଥିବା ଆବେଦନ ଆଧାରରେ ଏଚସିଏର ଏଥିକ୍ସ ଅଧିକାରୀ ଥିବା ଅବସରପ୍ରାପ୍ତ ଜଷ୍ଟିସ ଭି.ଈଶ୍ୱରେୟା ଏଭଳି ନିଷ୍ପତ୍ତି ନେଇଛନ୍ତି। ଲର୍ଡସ୍ କ୍ରିକେଟ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନରେ ଦର୍ଶାଯାଇଥିଲା, ୨୦୧୯ ଡିସେମ୍ବରରେ ଷ୍ଟାଡିୟମର ଉତ୍ତର ଷ୍ଟାଣ୍ଡକୁ ଆଝାରୁଦ୍ଦିନଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନିଆଗଲା ବେଳେ ଭାରତର ପୂର୍ବତନ ଅଧିନାୟକ ଏଚସିଏର ପୂର୍ବତନ ସଭାପତି ଭାବେ କାର୍ଯ୍ୟକାରୀ ପରିଷଦରେ ବସିଥିଲେ। ଏଥିଯୋଗୁ ସେ ଏଚସିଏର ନିୟମ ଭଙ୍ଗ କରିଥିଲେ। ମୁଁ ନିଶ୍ଚିତ ଭାବେ ଆଇନର ବାଟ ଆପଣେଇବି ଏବଂ ଓମ୍ବୁଡସମ୍ୟାନଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲାଗି ହାଇକୋର୍ଟରେ ଆବେଦନ କରିବି। ଭାରତର ଅଧିନାୟକଙ୍କ ନାମ ଷ୍ଟାଣ୍ଡରୁ ହଟାଇବାକୁ ନିର୍ଦ୍ଦେଶ ଦେବା ଏକ ଲଜ୍ଜାର ବିଷୟ ବୋଲି ଆଝାରୁଦ୍ଦିନ କହିଛନ୍ତି। ଏତଦବ୍ୟତୀତ ସେ ଓମ୍ବୁଡସମ୍ୟାନଙ୍କ ନିର୍ଦ୍ଦେଶର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଆସୋସିଏଶନର ସମ୍ବିଧାନ ଅନୁଯାୟୀ, ଓମ୍ବୁଡସମ୍ୟାନ ବା ଏଥିକ୍ସ ଅଧିକାରୀଙ୍କ କାର୍ଯ୍ୟକାଳ ୧ ବର୍ଷ। ଏହି ଘଟଣାରେ ଓମ୍ବୁଡସମ୍ୟାନଙ୍କ କାର୍ଯ୍ୟକାଳ ୨୦୨୫ ଫେବୃଆରୀ ୧୮ ତାରିଖରେ ଶେଷ ହୋଇଯାଇଛି। ଏହି ତାରିଖ ପରେ ତାଙ୍କ ଦ୍ୱାରା ପାରିତ ସମସ୍ତ ନିର୍ଦ୍ଦେଶ ମୂଲ୍ୟହୀନ। ତାଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯାଇ ନାହିଁ। ତାଙ୍କ କାର୍ଯ୍ୟକାଳରେ ବୃଦ୍ଧି କେବଳ ଏଜିଏମରେ କରାଯାଇପାରିବ, ଯାହା କି ଏପର୍ଯ୍ୟନ୍ତ ହୋଇନାହିଁ। ଏଣୁ ସେ କେଉଁ ଭଳି ନିର୍ଦ୍ଦେଶ ଜାରି କଲେ।

# ବାଲ୍ୟସାଥୀ କ୍ରିକେଟ କ୍ଲବ୍ ପକ୍ଷରୁ ଫାଇନାଲ ମ୍ୟାଚ ଅନୁଷ୍ଠିତ




ନିଆଳି, ୨୧।୪ (ଡିକେ ନ୍ୟୁଜ): କଟକ ଜିଲ୍ଲା ନିଆଳି ବ୍ଲକ ତିହୁଡ଼ିରେ ବାଲ୍ୟସାଥୀ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଆଠ ଦିନ ଧରି ଚାଲିଥିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ। ପଡୋଶୀ ଗ୍ରାମରୁ ତିହୁଡି, କପାଶି, ଲୁଣିଗାଁ, ପହଙ୍ଗା, କଣ୍ଟିଶାଳ, ତାମ୍ପଡ଼ା ଓ ଗଳଦାରି ଆଦି ଟିମ୍ ଅଂଶ ଗ୍ରହଣ କରିଥିଲେ। ରବିବାର ଉଦଯାପନୀ ମ୍ୟାଚ କଣ୍ଟିଶାଳ ଓ କପାଶି ମଧ୍ୟରେ ହେଇଥିଲା। ଏହି ଉଦଯାପନୀ ମ୍ୟାଚ ଖେଳ ୧୮ ଓଭର୍ ବିଶିଷ୍ଟ ହେଇଥିବା ବେଳେ କଣ୍ଟିଶାଳ ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିସ୍‌ରେ ଦଳ ବ୍ୟାଟିଂ କରି ୧୪୩ ରନ ସଂଗ୍ରହ କରିଥିଲା। ସେହିପରି ଦ୍ୱିତୀୟ ଇନିସ୍‌ରେ କପାଶି ବ୍ୟାଟିଂ କରି ୮୦ ରନରେ ସମସ୍ତ ୱିକେଟ୍ ହରାଇ ପରାଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ କଣ୍ଟିଶାଳ ବିଜୟ ଲାଭ କରି କପାଶିକୁ ୬୩ ରନରେ ପରାସ୍ତ କରିଥିଲା। ଶେଷରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ଚାମ୍ପିଅନ ହେଇଥିବା ଟିମ୍‌କୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିବା ବେଳେ ରନର୍ସଅଫ ଟିମ୍‌କୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ସିରିଜ ପାଇଁ ଟ୍ରଫି ପ୍ରଦାନ କରାଯାଇଥିଲା। ବାଲ୍ୟସାଥୀ କ୍ରିକେଟ କ୍ଲବ୍ ପକ୍ଷରୁ ମୁଖ୍ୟଅତିଥି ଭାବେ ତିହୁଡିର ସମିତି ସଭ୍ୟ ତଥା ବିଜେପି ନେତା ଶଶୀକାନ୍ତ ଲେଙ୍କା ଆନୁଷ୍ଠାନିକ ଭାବେ ଯୋଗ ଦେଇଥିବା ବେଳେ ବାଲ୍ୟସାଥୀ କ୍ରିକେଟ୍ କ୍ଲବ୍ ସମ୍ପାଦକ ରତିକାନ୍ତ ଲେଙ୍କା, ପ୍ରେସିଡେଣ୍ଟ ସୁଶିଲ ଲେଙ୍କା, ସମୀୟ କୁମାର ଲେଙ୍କା, ବିନୟ ଭୂଷଣ ଜେନା, ଫକୀର ଚରଣ ଲେଙ୍କା ଉପସ୍ଥିତ ଥିବା ବେଳେ ଅମ୍ପାଇର ଭାବେ ସଞ୍ଜୟ ଲେଙ୍କା, ଆଶିଷ ଲେଙ୍କା, ସିମ୍ପୁଲ ଲେଙ୍କା ଖେଳ ପରିଚାଳନା କରିଥିଲେ। କୁନା ଜେନା, ଲିପୁନା ଲେଙ୍କା ଆଦି ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିବା ବେଳେ ଏହି ଖେଳକୁ ଦେଖିବା ପାଇଁ ସହ ସହ ଲୋକଙ୍କ ସମାଗମ ହୋଇଥିଲା।

# ଦଳର କ୍ୱାଲିଫାଏକୁ ନେଇ ମୁହଁ ଖୋଲିଲେ ଧୋନି




ମୁମ୍ବାଇ, ୨୧।୪ (ହି.ସ): ଆଇପିଏଲ ୨୦୨୫ରେ ଚେନ୍ନାଇ ସୁପର କିଙ୍ଗସ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏକ ଶୋଚନୀୟ ପରାଜୟ ବରଣ କରିଛି। ଏହି ସିଜିନରେ ଚେନ୍ନାଇର ଅବସ୍ଥା ବହୁତ ଖରାପ। ଦଳଟି ପଏଣ୍ଟ ଟେବୁଲର ସବୁଠାରୁ ତଳେ ଅଛି। ଏପର୍ଯ୍ୟନ୍ତ ୮ଟି ମ୍ୟାଚ ମଧ୍ୟରୁ ଚେନ୍ନାଇ ସୁପର କିଙ୍ଗ୍ସ କେବଳ ଦୁଇଟି ମ୍ୟାଚ ଜିତିପାରିଛି। ମୁମ୍ବାଇ ବିପକ୍ଷ ପରାଜୟ ପରେ, ଚେନ୍ନାଇ ଅଧିନାୟକ ଏମଏସ ଧୋନି ଏକ ବଡ଼ ବୟାନ ଦେଇଛନ୍ତି। ଏମ୍ଆଇ ଠାରୁ ପରାଜୟ ପରେ, ଧୋନି ସ୍ୱୀକାର କରିଛନ୍ତି ତାଙ୍କ ଖେଳାଳିମାନେ ସେମାନଙ୍କର ରଣନୀତି କାର୍ଯ୍ୟକାରୀ କରିପାରି ନ ଥିଲେ। ସେ ଏହା ମଧ୍ୟ କହିଛନ୍ତି, ଆମକୁ ବାକି ଥିବା ସମସ୍ତ ମ୍ୟାଚ ଜିତିବାକୁ ପଡିବ। ଆମେ ଗୋଟିଏ ସମୟରେ କେବଳ ଗୋଟିଏ ମ୍ୟାଚ ଉପରେ ଧ୍ୟାନ ଦେଉଛୁ। ଯଦି ଆମେ ଭବିଷ୍ୟତରେ କିଛି ମ୍ୟାଚ ହାରିଯାଉ, ତେବେ ଆଗାମୀ ବର୍ଷ ପାଇଁ ସଠିକ ସଂଯୋଜନ ପ୍ରସ୍ତୁତ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଆଗାମୀ ବର୍ଷ ପାଇଁ ଏକ କୋର ଗ୍ରୁପ ପ୍ରସ୍ତୁତ କରୁଛୁ। ସେ ଆହୁରି କହିଛନ୍ତି, ଆମେ ଅଧିକ ଖେଳାଳି ପରିବର୍ତ୍ତନ କରିବା ପକ୍ଷରେ ନାହୁଁ। ଆମ ପାଇଁ ବର୍ତ୍ତମାନ ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ତାହା ନ ହୁଏ, ତେବେ ଆମର ଧ୍ୟାନ ଆସନ୍ତା ବର୍ଷ ପାଇଁ ୧୧ ଜଣ ଖେଳାଳିଙ୍କୁ ପ୍ରସ୍ତୁତ କରିବା ଏବଂ ତା'ପରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ଉପରେ ରହିବ। ଚେନ୍ନାଇର ନିୟମିତ ଅଧିନାୟକ ଋତୁରାଜ ଗାୟକ୍ୱାଡଙ୍କ ଆଘାତ ପରେ, ଏମଏସ ଧୋନିଙ୍କୁ ଦଳର କମାଣ୍ଡ ଦିଆଯାଇଥିଲା। ଏହା ପରେ ମଧ୍ୟ ଦଳର ଅବସ୍ଥାରେ କୌଣସି ଉନ୍ନତି ହୋଇନାହିଁ। ରବିବାର ଏମ୍ଆଇ ଚେନ୍ନାଇକୁ ୯ ଉଇକେଟରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଚେନ୍ନାଇର ଦଳ ପ୍ରଥମେ ଖେଳିବା ପରେ ମାତ୍ର ୧୭୬ ରନ କରିପାରିଥିଲା, ଦଳ ଶେଷ ଓଭର ଗୁଡ଼ିକରେ ଶୀଘ୍ର ରନ କରିବାରେ ବିଫଳ ହୋଇଥିଲା। ଗୋଟିଏ ସମୟରେ ଚେନ୍ନାଇର ସ୍କୋର ୧୬ ଓଭରରେ ୩ ଉଇକେଟ ହରାଇ ୧୪୨ ରନ ଥିଲା। ତା'ପରେ ଶେଷ ୪ ଓଭରରେ ମାତ୍ର ୩୪ ରନ ହୋଇଥିଲା। ଜବାବରେ, ମୁମ୍ବାଇ ମାତ୍ର ୧୫.୪ ଓଭରରେ ମ୍ୟାଚ ଜିତି ନେଇଥିଲା।

# 'ସ୍ପିରିଟ୍'ରେ ନିଜେ ଷ୍ଟଣ୍ଟ କରିବେ ପ୍ରଭାସ




ମୁମ୍ବାଇ, ୨୧।୪ (ହି.ସ): ଫିଲ୍ମ 'କବୀର ସିଂ' ଏବଂ 'ଆନିମଲ୍'ର ସଫଳତା ପରେ ସନ୍ଦୀପ ରେଡ୍ଡି ବଙ୍ଗା ପ୍ରଶଂସା ଏବଂ ନିନ୍ଦା ଉଭୟର ସାକ୍ଷୀ ରହିଛନ୍ତି। ପୁଣି ନିର୍ଦ୍ଦେଶକ ଭାବେ ଅଧିକ ଦାୟିତ୍ୱସଂପନ୍ନ ହୋଇଛନ୍ତି ବୋଲି ସେ ନିଜେ ସ୍ୱୀକାର କରିଛନ୍ତି। ଏଥର ସେ ଦକ୍ଷିଣୀ ସୁପରଷ୍ଟାର୍ ପ୍ରଭାସ୍‌ଙ୍କ ସହିତ କାମ କରୁଛନ୍ତି। ସନ୍ଦୀପଙ୍କ ନିର୍ଦ୍ଦେଶନାରେ ପ୍ରଭାସ ଅଭିନୟ କରୁଛନ୍ତି ଫିଲ୍ମ 'ସ୍ପିରିଟ୍'ରେ। ଏହା ପୋଲିସ୍ ବ୍ୟବସ୍ଥା ଉପରେ ଆଧାରିତ ଆକସନ୍‌ଧର୍ମୀ ସିନେମା ବୋଲି ଜାଣିବାକୁ ମିଳିଛି। ସଦ୍ୟତମ ସୂଚନା ଅନୁସାରେ ଏହି ଫିଲ୍ମର ପଟ୍ଟକଥା ଲେଖା ଚାଲିଛି। ଆସନ୍ତା ଅକ୍ଟୋବର୍ ମାସରୁ ଏହାର ସୁଟିଂ ଆରମ୍ଭ ହୋଇଯିବ। ଏହି ସିନେମା ବିଷୟରେ ସନ୍ଦୀପ ପ୍ରଥମରୁ ପ୍ରଭାସଙ୍କୁ ଅବଗତ କରିସାରିଛନ୍ତି। ସିନେମାର କାହାଣୀ କିଭଳି ଗତିଶୀଳ ହେବ ତାହା ମଧ୍ୟ ପ୍ରଭାସଙ୍କୁ ବୁଝାଇ ଦେଇଛନ୍ତି ସନ୍ଦୀପ। ତେବେ ଏହି ଫିଲ୍ମର ଯେଉଁ ପ୍ରସଙ୍ଗକୁ ନେଇ ଚର୍ଚ୍ଚା, ତାହା ହେଲା ପ୍ରଭାସ ଏହି ସିନେମାରେ ନିଜେ ଷ୍ଟଣ୍ଟ କରିବେ। ଆକସନ୍ ଦୃଶ୍ୟରେ ସେ କୌଣସି ପ୍ରକାର ବଡି ଡବଲ୍ ବ୍ୟବହାର କରିବେ ନାହିଁ। ସାଧାରଣତଃ ସିନେମାରେ ଆକସନ୍ ଦୃଶ୍ୟରେ ଅଭିନୟ ସମୟରେ ମୂଳ ଅଭିନେତାଙ୍କ ସ୍ଥାନରେ ବଡି ଡବଲ୍ ବ୍ୟବହାର କରିଥାଆନ୍ତି ସିନେମାର ନିର୍ଦ୍ଦେଶକ। ତେବେ ବଲିଉଡ୍ ସମେତ ଦକ୍ଷିଣ ଭାରତରେ ବେଶ୍ କିଛି ଅଭିନେତା ବଡି ଡବଲ୍ ସପକ୍ଷରେ ନଥାନ୍ତି। ସେମାନେ ସ୍ୱେଚ୍ଛାରେ ଷ୍ଟଣ୍ଟ କରିଥାଆନ୍ତି। 'ସ୍ପିରିଟ୍' ପାଇଁ ଅନ୍ୟାନ୍ୟ ଅଭିନେତା ଚୟନ ପ୍ରକ୍ରିୟା ଚାଲୁ ରହିଛି। ଏହି ସିନେମାର ସୁଟିଂ ଆରମ୍ଭ ହେବା ପୂର୍ବରୁ ପ୍ରଭାସ ତାଙ୍କର ଅନ୍ୟ ପ୍ରୋଜେକ୍ଟ 'ରାଜା ସାବ୍' ଏବଂ 'ଫୌଜି'ର ଏକ ବଡ଼ ଅଂଶର ସୁଟିଂ ସାରି ଦେଇଥିବେ। ସନ୍ଦୀପ ରେଡ୍ଡି ବଙ୍ଗାଙ୍କ ସୂଚନା ମୁତାବକ ଫିଲ୍ମ 'ସ୍ପିରିଟ୍'ରେ ଆମେରିକା ଏବଂ କୋରିଆରୁ ମଧ୍ୟ କିଛି କଳାକାର ସାମିଲ ହେବେ। ଦୁଇରୁ ତିନି ମାସ ମଧ୍ୟରେ ପୂରା କାଷ୍ଟିଂ ବିଷୟରେ ଜଣାପଡିବ। ୨୦୨୭ ମସିହା ସୁଦ୍ଧା ଏହି ସିନେମାଟି ଫ୍ଲୋର୍‌କୁ ଆସିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ସନ୍ଦୀପ।

# ଯୁବପିଢିଙ୍କଠୁ ପୁରୁଣା ଲୋକ ଶିଖିବା ଜରୁରୀ: ଇମ୍ରାନ୍



ମୁମ୍ବାଇ, ୨୧।୪ (ହି.ସ): ସିନେ ଜଗତରେ ପ୍ରାସଙ୍ଗିକ ରହିବାର ଚାବିକାଠି ହେଉଛି ଖୋଲାମନ ରଖିବା ଏବଂ ଯୁବପିଢିଙ୍କ ଚିନ୍ତାଧାରା ଓ କାମକୁ ବୁଝିବା ବୋଲି କହିଛନ୍ତି ଅଭିନେତା ଇମ୍ରାନ୍ ହାସ୍ମୀ। ବଲିଉଡରେ ନିଜକୁ ଜଣେ ପ୍ରତିଭାଶାଳୀ ଅଭିନେତା ଭାବେ ପ୍ରତିଷ୍ଠିତ କରିଥିବା ଇମ୍ରାନ୍ ଏକ ସାକ୍ଷାତକାରରେ କହିଛନ୍ତି, ନିଜକୁ ପୁଣି ଖୋଜିବା ଗୁରୁତ୍ୱପୂର୍ଣ୍ଣ। ଏହା ସମକାଳୀନ ଫିଲ୍ମ ନିର୍ମାତାଙ୍କ ସହ ମିଶି କରାଯାଇପାରିବ। ଏକ ନିର୍ଦ୍ଦିଷ୍ଟ ସମୟରେ ନୂଆ କିସମର ଅଭିନେତା, ଫିଲ୍ମ ନିର୍ମାତା ଆସିଗଲେ ପୁରୁଣା ଲୋକଙ୍କୁ ସେମାନଙ୍କଠାରୁ ଶିଖିବା ଜରୁରି ହୋଇପଡ଼େ। ସେତେବେଳେ ନିଜକୁ ନୂଆ କରି ଖୋଜିବାକୁ ପଡ଼େ, ନୂଆ ଦୃଷ୍ଟିକୋଣ ରଖିବାକୁ ହୋଇଥାଏ। ସେଠାରୁ ହିଁ ପ୍ରାସଙ୍ଗିକତାର ପୂରା ଖେଳ ଆରମ୍ଭ ହୋଇଥାଏ। ଏବେର ଯୁବପିଢି କ'ଣ ଚାହୁଁଛନ୍ତି, କିପରି ଚିନ୍ତାଧାରା ରଖୁଛନ୍ତି ତାହା ଜାଣିବାକୁ ପଡ଼ିବ। ସେ ଆହୁରି କହିଛନ୍ତି, ଜଣେ କଳାକାର ଭାବେ ମୋତେ ପରିବର୍ତ୍ତନକୁ ସ୍ୱୀକାର କରିବା ଏବଂ ନିଜକୁ ଚାଲେଞ୍ଜ ଦେବାକୁ ମଜା ଲାଗେ। ୪୬ ବର୍ଷୀୟ ଇମ୍ରାନ୍ ସିନେଜଗତର ଆତ୍ମସନ୍ତୁଷ୍ଟି ଉପରେ ଚିନ୍ତା ବ୍ୟକ୍ତ କରି କହିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସିନେମା ଉଦ୍ୟୋଗ ଏପରି ଏକ ପର୍ଯ୍ୟାୟ ଦେଇ ଗତି କରୁଛି ଯେଉଁଠି ଫିଲ୍ମର ପ୍ରକାର ଉପରେ ପୁନର୍ବିଚାର କରିବା ଆବଶ୍ୟକତା ରହିଛି। ଏପରି ଫିଲ୍ମ ବନାଯାଉ ଯାହା କି ପ୍ରାସଙ୍ଗିକ ହେବା ସହ ଦର୍ଶକଙ୍କ ପାଇଁ ପୂରା ଭାରତର ଭାବନାକୁ ସାମ୍ନାକୁ ଆଣିପାରୁଥିବ। କେବଳ ଆଭିଜାତ୍ୟପୂର୍ଣ୍ଣ ଫିଲ୍ମ ବନାଇଲେ ହେବନାହିଁ। କାରଣ ସେଭଳି ପ୍ରସଙ୍ଗର ଅନେକ ଉଚ୍ଚକୋଟୀର ଫିଲ୍ମ ଏବଂ ପାଶ୍ଚାତ୍ୟ ସମ୍ବେଦନପୂର୍ଣ୍ଣ କଣ୍ଟେଣ୍ଟ ଓଟିଟିରେ ଉପଲବ୍ଧ ବୋଲି ଇମ୍ରାନ୍ କହିଛନ୍ତି। ତେବେ କେତେକ ପ୍ରସଙ୍ଗରେ ଇମ୍ରାନ୍ ଫିଲ୍ମ ଇଣ୍ଡଷ୍ଟ୍ରିକୁ ସମର୍ଥନ ମଧ୍ୟ କରିଛନ୍ତି। ପ୍ରକାଶଥାଉ କି, ଇମ୍ରାନ୍‌ଙ୍କ ଫିଲ୍ମ 'ଗ୍ରାଉଣ୍ଡ ଜିରୋ' ଆସନ୍ତା ୨୫ ତାରିଖରେ ସିନେମାହଲରେ ମୁକ୍ତିଲାଭ କରିବ। ଏହି ଫିଲ୍ମରେ ଇମ୍ରାନ୍‌ଙ୍କୁ ପ୍ରଥମ କରି ନୂଆ ଅନ୍ଦାଜରେ ଦେଖିବାକୁ ମିଳିବ। ଏହାର କାହାଣୀ ବିଏସ୍ଏଫ୍ ଅଫିସର ନରେନ୍ଦ୍ର ନାଥ ଧର ଦୁବେଙ୍କ ଉପରେ ଆଧାରିତ ଏବଂ ଇମ୍ରାନ ଏହି ଚରିତ୍ରରେ ଅଭିନୟ କରିଛନ୍ତି।

# ଅଭିନେତ୍ରୀ ଓ ତାଙ୍କ ବାପାଙ୍କ ବିରୋଧରେ ଜାରି ହେଲା ସମନ



ନୂଆଦିଲ୍ଲୀ, ୨୧।୪ (ହି.ସ): ଭୋଜପୁରୀ ଅଭିନେତ୍ରୀ ଅକ୍ଷରା ସିଂହ ଏବଂ ତାଙ୍କ ବାପା ବିପିନ ସିଂହଙ୍କ ବିରୋଧରେ ବେଗୁସରାଇ କୋର୍ଟ ସମନ ଜାରି କରିଛନ୍ତି। ସମସ୍ତିପୁରର ଏକ କାର୍ଯ୍ୟକ୍ରମ ସହିତ ଜଡିତ ମାମଲାକୁ ନେଇ ଆୟୋଜକ ଅକ୍ଷରା ସିଂହଙ୍କ ବିରୋଧରେ ଠକେଇ ମାମଲା ଦାୟର କରିଥିଲେ। ଏହି ମାମଲାକୁ ନେଇ ଭୋଜପୁରୀ ଅଭିନେତ୍ରୀ ଏବଂ ତାଙ୍କ ବାପା ବିପିନ ସିଂହଙ୍କୁ କୋର୍ଟରେ ହାଜର ହେବାକୁ ବେଗୁସରାଇର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜଷ୍ଟିସ୍ ଓମ୍ ପ୍ରକାଶ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ବେଗୁସରାଇର ଲୋକ ଗାୟକ ଶିବେଶ ମିଶ୍ର ୨୦୨୩ ମସିହାରେ ଏକ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ କେନ୍ଦ୍ର କରି ବିଚାରପତି ଓମ ପ୍ରକାଶ ଅକ୍ଷରା ସିଂହ ଏବଂ ତାଙ୍କ ବାପା ବିପିନ ସିଂହଙ୍କ ବିରୋଧରେ ସମନ ଜାରି କରିଛନ୍ତି। ଦାୟର ହୋଇଥିବା ମାମଲା ଅନୁଯାୟୀ, ଶିବେଶ ମିଶ୍ର ସମସ୍ତିପୁର ଜିଲ୍ଲାର ସିଂଘିଆରେ ଦୁର୍ଗା ପୂଜା କମିଟି ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଅକ୍ଷରା ସିଂହଙ୍କ ବାପାଙ୍କ ଆକାଉଣ୍ଟକୁ ଆଗୁଆ ୫ ଲକ୍ଷ ୫୧ ହଜାର ଟଙ୍କା ପଠାଯାଇଥିଲା। ୨୪ ଅକ୍ଟୋବର ୨୦୨୩ରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଅକ୍ଷରା ସିଂହ ସିଂଘିଆ ଆସିଥିଲେ। ଅକ୍ଷରା ରାତି ପ୍ରାୟ ୧୨ଟାରେ ମଞ୍ଚ ଉପରେ ପହଞ୍ଚିଥିଲେ। ଏହି ସମୟରେ କିଛି ଦର୍ଶକ ତାଙ୍କ ଉପରକୁ ଟଙ୍କା ଫିଙ୍ଗିଥିଲେ। ଏଥିରେ ସେ ଏତେମାତ୍ରାରେ ରାଗି ଯାଇଥିଲେ ଯେ ସେ ମାଇକକୁ ଫିଙ୍ଗି ମଞ୍ଚ ଛାଡ଼ି ଚାଲିଯାଇଥିଲେ। କାର୍ଯ୍ୟକ୍ରମରେ ଅକ୍ଷରା ସିଂହଙ୍କୁ ୩ ଘଣ୍ଟା ପାଇଁ ଡକାଯାଇଥିଲା, କିନ୍ତୁ ସେ ମାତ୍ର ଅଧ ଘଣ୍ଟା ମଧ୍ୟରେ ସେଠାରୁ ଚାଲିଯାଇଥିଲେ। ଯାହାଦ୍ୱାରା ଆୟୋଜକଙ୍କୁ ବହୁତ କ୍ଷତି ସହିବାକୁ ପଡିଥିଲା। ଏ ଘଟଣାପରେ ଶିବେଶ ମିଶ୍ର ବେଗୁସରାଇ କୋର୍ଟରେ ଅକ୍ଷରା ସିଂହ ଏବଂ ତାଙ୍କ ବାପା ବିପିନ ସିଂହଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik